

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈଜ୍ଞାନିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR





## ଆମର ତୁମ ଉପରେ ବିଶ୍ୱାସ ଅଛି, ଦେଶକୁ ତୁମର ଆବଶ୍ୟକତା ଅଛି:

### ଜେନ୍-ଜିଙ୍କ ଉଦ୍ଦେଶ୍ୟରେ କହିଲେ ପ୍ରଧାନମନ୍ତ୍ରୀ ମୋଦୀ



ନୂଆଦିଲ୍ଲୀ,୮/୮ :ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଆଇଆଇଟି ଦିଲ୍ଲୀର ୫୭ତମ ସମାବର୍ତ୍ତନ ଉତ୍ସବରେ ଯୋଗ ଦେଇ ତାଙ୍କ ଭାଷଣରେ ସିଜେପି ପ୍ରତିବାଦ ପରେ ପ୍ରଥମ ଥର ପାଇଁ ଦେଶର ଯୁବ ପିଢ଼ିଙ୍କ କ୍ଷମତା ଏବଂ ଶକ୍ତି ଉପରେ ବିଶ୍ୱାସ ପ୍ରକଟ କରିଛନ୍ତି। ବିକଶିତ ଭାରତ ଆଡ଼କୁ ଯାତ୍ରାରେ ଦେଶକୁ ସେମାନଙ୍କର ଆବଶ୍ୟକତା ଅଛି। ସେ ଜେନ୍-ଜିଙ୍କ ଉଦ୍ଦେଶ୍ୟରେ କହିଛନ୍ତି,ଆମର ତୁମ ଉପରେ ବିଶ୍ୱାସ ଅଛି, ଦେଶକୁ ତୁମର ଆବଶ୍ୟକତା ଅଛି। ପ୍ରତ୍ୟେକ ପିଢ଼ିର ଦେଶ ପ୍ରତି ଏକ ଦାୟିତ୍ୱ ରହିଛି ଏବଂ ଯୁବପିଢ଼ିଙ୍କ ଲକ୍ଷ୍ୟରେ ଦେଶର ସର୍ବାଙ୍ଗୀନ ବିକାଶ ଅନ୍ତର୍ଭୁକ୍ତ ହେବା ଉଚିତ୍। ଆପଣମାନେ ସମସ୍ତେ ଜାଣନ୍ତି ଯେ ପ୍ରତ୍ୟେକ ପିଢ଼ି ନିଜ ସମୟର ଚ୍ୟାଲେଞ୍ଜର ସମ୍ମୁଖୀନ ହୁଏ ଏବଂ ଦେଶ ପ୍ରତି ନିଜର ଦାୟିତ୍ୱ ମଧ୍ୟ ପୂରଣ କରିବାକୁ ପଡ଼ିଥାଏ। ଆଗାମୀ ୩୦ ରୁ ୩୫ ବର୍ଷ ମଧ୍ୟରେ ଆପଣମାନଙ୍କର କାର୍ଯ୍ୟ ଆମର ବିକଶିତ ଭାରତ ଯାତ୍ରାକୁ ପ୍ରଭାବିତ କରିବ। ତେଣୁ, ଆପଣ ନେଉଥିବା ପ୍ରତ୍ୟେକ ନିଷ୍ପତି ଦେଶକୁ କିପରି ଲାଭ ଦେବ ତାହା ଉପରେ ଆଧାରିତ ହେବା ଉଚିତ୍। ଏହା ଦେଶର କେଉଁ ଆବଶ୍ୟକତା ପୂରଣ କରିବ ତାହା ଚିନ୍ତା କରିବା ଆବଶ୍ୟକ। ଆଜିର ଦ୍ରୁତ ପରିବର୍ତ୍ତିତ ବିଶ୍ୱରେ ପ୍ରଯୁକ୍ତିବିଦ୍ୟା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଯେଉଁମାନେ ପରିବର୍ତ୍ତନ ସହିତ ନିଜକୁ ଖାପ ଖୁଆଇବେ ସେମାନେ ଶେଷରେ ଜିତିବେ। ବିଶ୍ୱ ରଣନୈତିକ ସମୀକରଣ ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି। ବିଶ୍ୱ ଶକ୍ତି ସନ୍ତୁଳନ ବର୍ତ୍ତମାନ ବିକଶିତ ହେଉଛି, ମୁଖ୍ୟତଃ ପ୍ରଯୁକ୍ତିବିଦ୍ୟା ପ୍ରଗତି ଦ୍ୱାରା ପରିଚାଳିତ। ଆଗାମୀ ୨୦ରୁ ୩୦ ବର୍ଷ ମଧ୍ୟରେ ବିଶ୍ୱ କିପରି ଦେଖାଯିବ ତାହା କେହି ନିଶ୍ଚିତ ଭାବରେ କହିପାରିବେ ନାହିଁ। ବିଶ୍ୱ, ପ୍ରଯୁକ୍ତିବିଦ୍ୟା, ଶିଳ୍ପ ଏବଂ ବୃତି ସବୁ ବିକଶିତ ହେବ। କିନ୍ତୁ ଏସବୁ ମଧ୍ୟରେ, ଗୋଟିଏ କଥା ମନେରଖିବାକୁ ହେବ ଯେଉଁମାନେ ଶିଖିବା ଜାରି ରଖିବେ ସେମାନେ ସଫଳ ହେବେ। ସ୍କାଏରୁଟର ବିକ୍ରମ-୧ ରକେଟର ସଫଳ ପ୍ରକ୍ଷେପଣ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ସରକାର ଯୁବପିଢ଼ିଙ୍କ ଯୋଗଦାନ ପାଇଁ ବିଭିନ୍ନ ଉପାୟ ଖୋଲିଛନ୍ତି। ନୂତନ କ୍ଷେତ୍ର ଖୋଲାଯାଇଛି। ମୁଁ ପୂର୍ବରୁ ମହାକାଶ କ୍ଷେତ୍ର ବିଷୟରେ କହିଥିଲି। ଆଜି ସେହି ମହାକାଶ କ୍ଷେତ୍ର ଆମ ଯୁବପିଢ଼ି ପାଇଁ ଏକ ଆକାଶ ପାଲଟିଛି। ଆଜି ଆମର ଯୁବପିଢ଼ି ରକେଟ ଲଞ୍ଚ କରୁଛନ୍ତି।

ଆବଶ୍ୟକ

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ:
ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ। ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ।

Address:Qrs No-B/204,
Sec-16,Rourkela,
Mob:9692048008
Email: utkalsamachar@gmail.com

## ରାଷ୍ଟ୍ରଗାନକୁ ଅସମ୍ମାନ କଲେ ୩ ବର୍ଷ ଜେଲ୍:

### କେନ୍ଦ୍ର ସରକାରଙ୍କ ନୂଆ କଠୋର ଆଇନ




ନୂଆଦିଲ୍ଲୀ,୮/୮: ଭାରତୀୟ ଜାତୀୟ ପ୍ରତୀକଗୁଡ଼ିକର ସମ୍ମାନକୁ ଅଧିକ ସୁଦୃଢ଼ କରିବା ପାଇଁ କେନ୍ଦ୍ର ସରକାର ଏକ ବଡ଼ ଏବଂ କଠୋର ପଦକ୍ଷେପ ଗ୍ରହଣ କରିଛନ୍ତି। ସରକାରଙ୍କ ପକ୍ଷରୁ 'ରାଷ୍ଟ୍ରୀୟ ସମ୍ମାନ ଅପମାନ ନିବାରଣ (ସଂଶୋଧନ) ଅଧିନିୟମ, ୨୦୨୬'କୁ ଆଧିକାରିକ ଭାବେ ସୂଚିତ କରାଯାଇଛି। ଏହି ନୂତନ ଆଇନ ଅନୁଯାୟୀ, ବର୍ତ୍ତମାନ ରାଷ୍ଟ୍ରଗାନ ସହିତ ରାଷ୍ଟ୍ରଗୀତର ଗାନ ସମୟରେ ବାଧା ସୃଷ୍ଟି କଲେ କିମ୍ବା କୌଣସି ପ୍ରକାରର ଅସମ୍ମାନ ପ୍ରଦର୍ଶନ କଲେ ତାହା ମହଙ୍ଗା ପଡ଼ିବ ଏବଂ ଅପରାଧୀଙ୍କୁ ଜେଲ୍ ଯିବାକୁ ପଡ଼ିପାରେ। ଏହି ନୂତନ ଆଇନ ୧୯୭୧ର ପୁରୁଣା 'ରାଷ୍ଟ୍ରୀୟ ସମ୍ମାନ ଅପମାନ ନିବାରଣ ଅଧିନିୟମ'ରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରିଛି। ସଂସଦର ଉଭୟ ସଦନରେ ପାରିତ ହେବ ଏବଂ ରାଷ୍ଟ୍ରପତିଙ୍କ ଚୂଡ଼ାନ୍ତ ସମ୍ମତି ମିଳିବା ପରେ, ଗତ ୬ ଅଗଷ୍ଟ ୨୦୨୬ରେ ଏହାକୁ ଭାରତର ରାଜପତ୍ର ବା ଗେଜେଟ୍‌ରେ ପ୍ରକାଶ କରାଯାଇଛି। ଜାତୀୟ ଗୌରବର ପ୍ରତୀକଗୁଡ଼ିକର ମର୍ଯ୍ୟାଦାକୁ ଅକ୍ଷୁଣ୍ଣ ରଖିବା ଏବଂ ଜାଣିଶୁଣି କରାଯାଉଥିବା ଅପମାନଜନକ କାର୍ଯ୍ୟକୁ ଆଇନଗତ ପରିସରଭୁକ୍ତ କରି ଏହାକୁ ରୋକିବା ହିଁ ଏହି ଆଇନର ମୁଖ୍ୟ ଉଦ୍ଦେଶ୍ୟ ଅଟେ। ଆଇନରେ ହୋଇଥିବା ପରିବର୍ତ୍ତନ ଅନୁଯାୟୀ, ପୁରୁଣା ଆଇନର ଧାରା ୩କୁ ସମ୍ପୂର୍ଣ୍ଣ ଭାବେ ନୂଆ ପ୍ରାବଧାନ ସହିତ ପରିବର୍ତ୍ତିତ କରାଯାଇଛି। ବର୍ତ୍ତମାନ ଏହି ନୂତନ ଧାରା ୩ ଅନ୍ତର୍ଗତରେ କେବଳ ରାଷ୍ଟ୍ରଗାନ ନୁହେଁ, ବରଂ 'ରାଷ୍ଟ୍ରଗୀତ'କୁ ମଧ୍ୟ ବିଶେଷ ଭାବେ ସାମିଲ କରାଯାଇଛି। ଦେଶର ଜାତୀୟ ପରିଚୟ ସହ ଜଡ଼ିତ ଏହି ଦୁଇଟି ପ୍ରତୀକକୁ ସମାନ ଆଇନଗତ ସୁରକ୍ଷା ପ୍ରଦାନ କରିବା ନିଶ୍ଚିତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ପୂର୍ବରୁ ରାଷ୍ଟ୍ରଗୀତ ବନ୍ଦେ ମାତରମ୍ ପାଇଁ ଏଭଳି ସ୍ପଷ୍ଟ ଦଣ୍ଡବିଧାନର ବ୍ୟବସ୍ଥା ନଥିଲା, ଯାହାକୁ ଏବେ ସଂଶୋଧନ କରାଯାଇଛି। ନୂତନ ଆଇନରେ ଦଣ୍ଡବିଧାନକୁ ଅତ୍ୟନ୍ତ କଠୋର କରାଯାଇଛି। ନୂତନ ଧାରା ୩ ଅନୁଯାୟୀ, ଯଦି କୌଣସି ବ୍ୟକ୍ତି ଜାଣିଶୁଣି ରାଷ୍ଟ୍ରଗାନ କିମ୍ବା ରାଷ୍ଟ୍ରଗୀତ ଗାନ କରିବାରେ ବାଧା ସୃଷ୍ଟି କରନ୍ତି କିମ୍ବା ଏହି ସମୟରେ ହେଉଥିବା କୌଣସି ସଭା କିମ୍ବା ଜନସମୂହର କାର୍ଯ୍ୟରେ ବ୍ୟାଘାତ ଆଣନ୍ତି, ତେବେ ଦୋଷୀ ସାବ୍ୟସ୍ତ ହେଲେ ତିନି ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ମିଳିପାରେ। ଏହା ସହିତ ଆର୍ଥିକ ଜରିମାନାର ମଧ୍ୟ ବ୍ୟବସ୍ଥା ରହିଛି।

## ଭାରତ ଉପରେ ୧୦୦% ଶୁଳ୍କ ଏବଂ ରୁଷ ଉପରେ କଟକଣା ବିଲ୍ ଆମେରିକା ସିନେଟରେ ପାରିତ



ୱାସିଂଟନ,୮/୮: ଆମେରିକାର ସେନେଟ୍ ରୁଷ ଉପରେ କଟକଣା ଲଗାଇବା ପାଇଁ ଏକ ବିଲ୍ ମଞ୍ଜୁର କରିଛି। ବିଲ୍‌ରେ ରୁଷଠାରୁ ଅଶୋଧିତ ତୈଳ ଏବଂ ଗ୍ୟାସ୍ କିଣୁଥିବା ଭାରତ ଏବଂ ଚୀନ୍ ଉପରେ ଭାରୀ ଶୁଳ୍କ ଲଗାଇବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହାକୁ ସିନେଟ୍‌ରେ ୮୬ ଭୋଟ୍ ସହିତ ପ୍ରବଳ ସମର୍ଥନ ମିଳିଥିଲା। କେଣ୍ଟୁକିର ରାଣ୍ଡ ପଲ୍ ଏକମାତ୍ର ରିପବ୍ଲିକାନ୍ ଭାବେ ଏହି ଆଇନକୁ ବିରୋଧ କରିଥିଲେ। ସେହିପରି ୧୦ ଜଣ ଡେମୋକ୍ରାଟିକ୍ ସେନେଟର୍ ଏହା ବିରୋଧରେ ଭୋଟ୍ ଦେଇଥିଲେ। ବିଲ୍‌କୁ ଲିଣ୍ଡସେ ଓ. ଗ୍ରାହାମ୍ ସାଙ୍କସନିଂ ରୁଷିଆ ଆଣ୍ଡ ଇରାନ ଆକ୍ଟ ୨୦୨୬ ଭାବେ ନାମିତ କରାଯାଇଛି। ଏହି ଦ୍ୱିପାକ୍ଷିକ ବିଲ୍ ସ୍ୱର୍ଗତ ରିପବ୍ଲିକାନ୍ ସେନେଟର୍ ଲିଣ୍ଡସେ ଗ୍ରାହାମ୍ ଏବଂ ଡେମୋକ୍ରାଟ୍ ରିଚାର୍ଡ ବ୍ଲୁମେନ୍ଥଲ୍ ଦ୍ୱାରା ପ୍ରସ୍ତାବିତ ହୋଇଥିଲା। ଲିଣ୍ଡସେ ଗ୍ରାହାମ୍‌ଙ୍କର ଗତ ମାସରେ ଅପ୍ରତ୍ୟାଶିତ ମୃତ୍ୟୁ ହୋଇଥିଲା।ଭୋଟ୍ ପରେ, ସେନେଟର୍ ବ୍ଲୁମେନ୍ଥଲ୍ ସାମ୍ବାଦିକମାନଙ୍କୁ କହିଥିଲେ, ଗ୍ରାହାମ୍ ଆମେ ଯାହା ହାସଲ କରିଛୁ ତାହା ପାଇଁ ଗର୍ବିତ ହୋଇଥାନ୍ତେ। ଏହି କଠୋର ପ୍ରତିବନ୍ଧକ ଏବଂ ଶୁଳ୍କ ସେହି ସମସ୍ତଙ୍କୁ ନିବୃତ୍ତ କରିବ ଯେଉଁମାନେ ଏକ ସାହସୀ ଏବଂ ସ୍ୱାଧୀନ ଲୋକଙ୍କ ବିରୋଧରେ ଏହି ଘାତକ ଯୁଦ୍ଧରେ ସାମିଲ ଅଛନ୍ତି। କିଛି ଡେମୋକ୍ରାଟ୍ ଚେତାବନୀ ଦେଇଥିଲେ ଯେ ଏହି ବିଲ୍ ଟ୍ରମ୍ପଙ୍କୁ ନୂତନ ଶୁଳ୍କ-ସମ୍ବନ୍ଧୀୟ କ୍ଷମତା ପ୍ରଦାନ କରିବ। ଯାହା ଦ୍ୱାରା ସେ ପୂର୍ବ ଭଳି ମନମୁଖୀ ଭାବେ ବ୍ୟବହାର କରିପାରିବେ। ଏହି ବିଲ୍ ଆମେରିକାର ରାଷ୍ଟ୍ରପତିଙ୍କୁ ଭାରତ ଏବଂ ଚୀନ୍ ସମେତ ରୁଷିଆନ ତୈଳ ଏବଂ ଗ୍ୟାସର ଶୀର୍ଷ ପାଚଂ ଆମଦାନୀକାରୀଙ୍କ ସାମଗ୍ରୀ ଉପରେ ୧୦୦% ଶୁଳ୍କ ଲଗାଇବାକୁ ଅଧିକାର ଦେଇଛି। ଯୁକ୍ତି ଦିଆଯାଇଛି ଯେ ଏହା ପେଟ୍ରୋଲିୟମ୍ ଉତ୍ପାଦ ରପ୍ତାନିରୁ ରୁଷର ରାଜସ୍ୱ ହ୍ରାସ କରିବ ଏବଂ ୟୁକ୍ରେନ ଯୁଦ୍ଧ ସମାପ୍ତ କରିବା ପାଇଁ ମସ୍କୋ ଉପରେ ଚାପ ବୃଦ୍ଧି କରିବ। ଚୀନ୍, ଭାରତ, ଆଜରବାଇଜାନ, ହଙ୍ଗେରୀ ଏବଂ ସ୍ଲୋଭାକିଆ ହେଉଛନ୍ତି ରୁଷର ପ୍ରମୁଖ କ୍ରେତା। ତେବେ ବିଲ୍ ଏପର୍ଯ୍ୟନ୍ତ ଆଇନରେ ପରିଣତ ହୋଇନାହିଁ। ସେନେଟରେ ପାରିତ ହେବା ପରେ, ବିଲ୍ ଏବେ ପ୍ରତିନିଧି ସଭାକୁ ଯିବ। ତେବେ କଂଗ୍ରେସ ବର୍ତ୍ତମାନ ବିରତିରେ ଥିବାରୁ ସେପ୍ଟେମ୍ବର ଆରମ୍ଭ ପୂର୍ବରୁ ଏହା ଉପରେ ଭୋଟ୍ ଆଶା କରାଯାଉନାହିଁ। ଅଗଷ୍ଟ ୩୧ ତାରିଖରେ ପ୍ରତିନିଧି ସଭାର ବୈଠକ ଆରମ୍ଭ ହେବ। ଏହି ବିଲ୍ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏବଂ ଶୀର୍ଷ ସାମରିକ କମାଣ୍ଡରମାନଙ୍କ ଉପରେ ନୂତନ କଟକଣା ଏବଂ ଭିସା କଟକଣା ଲାଗୁ କରିବ। ରୁଷ ରପ୍ତାନି ଉପରେ ୫୦୦% ପର୍ଯ୍ୟନ୍ତ ଶୁଳ୍କ ଲାଗୁ କରିବ। ରୁଷ ଉପରେ କଟକଣା ସହିତ, ଏହି ବିଲ୍ ଇରାନ ବିରୋଧରେ ମଧ୍ୟ ପ୍ରତିବନ୍ଧକ ଲାଗୁ କରିବ। ଇରାନର ଶକ୍ତି କ୍ଷେତ୍ରରେ ନିବେଶ କରୁଥିବା କମ୍ପାନିଗୁଡ଼ିକ ଉପରେ କଟକଣା ଲଗାଯିବ।

## କୁଆଖାଇ ନଦୀରେ ୨ ଯୁବକ ଭାସିଯିବା ଘଟଣା, ଜଣଙ୍କ ମୃତଦେହ ଉଦ୍ଧାର

ଭୁବନେଶ୍ୱର,୮/୮(ନି/ପ୍ର): ପୁଣି ନଦୀରେ ବୁଡ଼ି ଚାଲିଗଲା ଜୀବନ। କୁଆଖାଇ ନଦୀରେ ଭାସି ଯାଇଥିବା ୨ ଯୁବକଙ୍କ ମଧ୍ୟରୁ ମିଳିଲା ଜଣଙ୍କ ମୃତଦେହ। ମିଳିଥିବା ଖବର ଅନୁଯାୟୀ, ୪ ଜଣ ସାଙ୍ଗ ଗାଧୋଉଥିବା ବେଳେ ବାଲିଆନ୍ତା ସତ୍ୟଭାମାପୁର ପଚାଂୟତ ଇନ୍ଦ୍ରପାଳ ସାଇମନ୍ଦିର ନିକଟରେ ୨ ଜଣ ଭାସି ଯାଇଥିଲେ। ଖବର ପାଇବା ମାତ୍ରେ ଅଗ୍ନିଶମ କର୍ମଚାରୀ ନଦୀରେ ଖୋଜାଖୋଜି ଆରମ୍ଭ କରିଥିଲେ। ଅନେକ ଖୋଜାଖୋଜି କରିବା ପରେ ମୃତକ ରୁଦ୍ର ନାରାୟଣ ସ୍ୱାଇଁଙ୍କ ମୃତଦେହ ଉଦ୍ଧାର ହୋଇଛି। ଅନ୍ୟ ନିଖୋଜ ଲକ୍ଷ୍ମୀସାଗରର ଦିବ୍ୟ ଜ୍ୟୋତି ସ୍ୱାଇଁଙ୍କ ତଲାସି ଜାରି ରହିଛି। ଉଭୟଙ୍କ ବୟସ ୨୦ ବର୍ଷ ମଧ୍ୟରେ ହୋଇଥିବା ଅନୁମାନ କରାଯାଉଛି।



## କିଭ୍‌ରେ ରୁଷର ଭୟଙ୍କର ଆକ୍ରମଣ, ୪ ମୃତ

କିଭ୍,୮/୮: ୟୁକ୍ରେନ୍‌ର ରାଜଧାନୀ କିଭ୍ ଓ ଏହାର ଆଖପାଖ ଅଚଂଳରେ ରୁଷିଆର ଭୟଙ୍କର ଡ୍ରୋନ୍ ଓ କ୍ଷେପଣାସ୍ତ୍ର ଆକ୍ରମଣ ଆତଙ୍କ ସୃଷ୍ଟି କରିଛି। ଶନିବାର ରାତିସାରା ଚାଲିଥିବା ଏହି ଆକ୍ରମଣରେ ୩ ବର୍ଷର ଶିଶୁ ସମେତ ୪ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଶିଶୁଟିର ଜେଜେବାପା ଓ ଜେଜେମା' ମଧ୍ୟ ଥିବା ଜଣାପଡ଼ିଛି। କିଭ୍‌ର ବ୍ରୋଭାରୀ ଜିଲ୍ଲାରେ ଡ୍ରୋନ୍ ମାଡ଼ରେ ଏକ ଆବାସିକ ଘର ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ଏଥିରେ ଅନ୍ୟ ୪ ଜଣ ଗୁରୁତର ଆହତ ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ସେହିପରି କିଭ୍‌ରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଆକ୍ରମଣରେ ଆଉ ଜଣଙ୍କ ମୃତ୍ୟୁ ହୋଇଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭ୍ଲାଦିମିର ଜେଲେନସ୍କି କହିଛନ୍ତି। ୟୁକ୍ରେନ୍ ଅଧିକାରୀଙ୍କ ଅନୁସାରେ, ରୁଷିଆ ରାତିସାରା ୧୫୧ଟି ଡ୍ରୋନ୍ ଓ ୬ଟି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଛାଡ଼ିଥିଲା। ଏଥିରୁ ୧୩୫ଟି ଡ୍ରୋନ୍‌କୁ ନଷ୍ଟ କରାଯାଇଥିବା ଦାବି କରାଯାଇଛି। ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ରୋକିବାରେ



ୟୁକ୍ରେନ୍‌ର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଚାପରେ ରହିଛି। ବିଶେଷକରି ପାଟ୍ରିଅଟ୍ ମିସାଇଲ୍‌ର ଅଭାବ ନେଇ ୟୁକ୍ରେନ୍ ଚିନ୍ତା ପ୍ରକାଶ କରିଛି। ଅଧିକ ପ୍ରତିରକ୍ଷା କ୍ଷେପଣାସ୍ତ୍ର ଯୋଗାଇବା ସହ ରୁଷିଆର କ୍ଷେପଣାସ୍ତ୍ର ଉତ୍ପାଦନ ରୋକିବାକୁ ପାଶ୍ଚାତ୍ୟ ଦେଶଗୁଡ଼ିକୁ ଜେଲେନସ୍କି ଆହ୍ୱାନ କରିଛନ୍ତି।

## ଏଥର ଆସିବ ୪୩,୪୩୭ କୋଟି ନିବେଶ:

### ୨୭ ଏମ୍‌ଓୟୁ, ୧୨ ଆଇଆଇଏଫ୍, ୪୩,୩୧୬ ନିଯୁକ୍ତି ସୃଷ୍ଟି ଆଶା



ଭୁବନେଶ୍ୱର/ନୂଆଦିଲ୍ଲୀ,୮/୮: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ନୂଆଦିଲ୍ଲୀରେ ଆୟୋଜିତ ରାଜ୍ୟର ପ୍ରଥମ ସ୍ୱତନ୍ତ୍ର କ୍ଷେତ୍ର ଆଧାରିତ ନିବେଶ ରୋଡ୍ ସୋ 'ଓଡ଼ିଶା ଫୁଡ୍ ପ୍ରୋ ୨୦୨୬'ରେ ରାଜ୍ୟ ସରକାର ୪୩,୪୩୭ କୋଟି ଟଙ୍କାର ନିବେଶ ପ୍ରସ୍ତାବ ହାସଲ କରିଛନ୍ତି। ଏହି ଅବସରରେ ୨୭ଟି ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି ଓ ୧୨ଟି ନିବେଶ ଆଗ୍ରହ ଫର୍ମ (ଆଇଆଇଏଫ୍) ମିଳିଛି। ଏହି ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ରାଜ୍ୟରେ ୪୩,୩୧୬ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ଆସୋଚାମ୍ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ଖାଦ୍ୟ ପ୍ରକ୍ରିୟାକରଣ କେବଳ ଏକ ଶିଳ୍ପ ନୁହେଁ। ଏହା ହେଉଛି ଆମ ଚାଷୀଙ୍କ ସମୃଦ୍ଧି, ଗ୍ରାମୀଣ ରୂପାନ୍ତରଣ ଓ ଓଡ଼ିଶାର ଶିଳ୍ପ ଭବିଷ୍ୟତ ମଧ୍ୟରେ ସେତୁ। ଏହି କ୍ଷେତ୍ରରେ ହେଉଥିବା ପ୍ରତିଟି ନିବେଶ ଦ୍ୱାରା ଚାଷରେ ମୂଲ୍ୟ ଓ ଗ୍ରାମାଚଂଳରେ ନିଯୁକ୍ତି ସୁଯୋଗ ସୃଷ୍ଟି ହୁଏ ଓ ଏକ ଦୃଢ଼ ଅର୍ଥନୀତି ଗଠନ ହୋଇଥାଏ। ଖାଦ୍ୟ ପ୍ରକ୍ରିୟାକରଣରେ ନିବେଶର ସବୁଠୁ ପସନ୍ଦର ସ୍ଥାନ ହେବା ପାଇଁ ଓଡ଼ିଶା ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଏହି କ୍ଷେତ୍ରରେ ଆମର ସହଯୋଗୀ ହୋଇ ଯୋଡ଼ି ହୁଅନ୍ତୁ। ଏଭଳି କହି ସେ ନିବେଶକମାନଙ୍କୁ ଓଡ଼ିଶା ଆମନ୍ତ୍ରଣ କରିଥିଲେ। ନିବେଶକମାନଙ୍କ ପାଇଁ ରାଜ୍ୟରେ ରହିଥିବା ସୁଯୋଗ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ପର୍ଯ୍ୟାପ୍ତ କଚାଂମାଲ, ୧୦ଟି କୃଷି ଜଳବାୟୁ ଜୋନ୍, ୫୭୫ କିଲୋମିଟରର ବେଳାଭୂମି, ସଫଳ ମତ୍ସ୍ୟଚାଷ, ବନ୍ଦର ଭିତିଭୂମି, ଉନ୍ନତ ଲଜିଷ୍ଟିକ୍ସ ସୁବିଧା ରହିଛି। ନିବେଶକମାନଙ୍କୁ ସବୁପ୍ରକାର ସହଯୋଗ ପ୍ରଦାନ କରିବାକୁ ଟିମ୍ ଓଡ଼ିଶା ପ୍ରତିବଦ୍ଧ ରହିଛି। ସ୍ୱଚ୍ଛ ଶାସନ, ଦ୍ରୁତ ମଞ୍ଜୁରି ଓ ନିୟମିତ ଭାବେ ସହାୟତା ଜରିଆରେ ପ୍ରକଳ୍ପ ପରିକଳ୍ପନାଠାରୁ ଆରମ୍ଭ କରି କାର୍ଯ୍ୟକ୍ଷମ ହେବା ପର୍ଯ୍ୟନ୍ତ ପ୍ରତିଟି ସ୍ତରରେ ସହଯୋଗ କରିବାକୁ ଆମ ସରକାର ପ୍ରସ୍ତୁତ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ। ଏହି ଅବସରରେ ସେ ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ରୋଡ୍‌ମ୍ୟାପ୍ ଉନ୍ମୋଚନ କରିଥିଲେ। ସେଥିରେ ୫ଟି ସ୍ତମ୍ଭ ରହିଛି। ତାହା ହେଉଛି ସ୍ୱତନ୍ତ୍ର ଖାଦ୍ୟ ପ୍ରକ୍ରିୟାକରଣ କ୍ଲଷ୍ଟରର ବିକାଶ, ସମନ୍ୱିତ ଶୀତଳଭଣ୍ଡାର ଓ ଗୋଦାମଘର ଭିତିଭୂମିର ବିକାଶ, ଖାଦ୍ୟର ମାନ ଓ ସାର୍ଟିଫିକେସନ୍‌ର ସୁଦୃଢ଼ୀକରଣ, ସଂଗଠିତ ଶିଳ୍ପ ସହିତ ଏଫ୍‌ପିଓ, ଏମ୍‌ଏସ୍‌ଏମ୍‌ଇ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କୁ ଯୋଡ଼ିବା ଓ ଏକ ବିଶ୍ୱସ୍ତରୀୟ ଦକ୍ଷ ଶ୍ରମଶକ୍ତି ଗଠନ କରିବା। ଏହି ରୋଡ୍‌ମ୍ୟାପ୍ ମାଧ୍ୟମରେ ଆଗାମୀ ଦଶନ୍ଧିରେ ଓଡ଼ିଶା ମୂଲ୍ୟଯୁକ୍ତ ଖାଦ୍ୟ ଉତ୍ପାଦନର ଏକ ପ୍ରମୁଖ ହବ୍‌ରେ ପରିଣତ ହେବ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦେଶର ବିଶିଷ୍ଟ ଶିଳ୍ପପତିମାନଙ୍କ ସହିତ ପ୍ରତ୍ୟକ୍ଷ ଆଲୋଚନାରେ ମଧ୍ୟ ଭାଗ ନେଇଥିଲେ। ସେ ଚିରିପାଲ୍ ପଲିଫିଲ୍ମସର ସିଇଓ ସୁମନ୍ତ ସିଂଘଲ, ହିନ୍ଦୁସ୍ତାନ କୋକାକୋଲା ବେଭରେଜେସ୍‌ର ସିଇଓ ଓ ନିର୍ଦ୍ଦେଶକ ହେମନ୍ତ ରୁପାନି, ବାଲାଜୀ ୱାଫର୍ସର ନିର୍ଦ୍ଦେଶକ ଶ୍ୟାମ ଭିରାନି ଓ କେୟୁର ଭିରାନି, ଲେଟ୍‌ସ ଟ୍ରାଏର ସିଇଓ ତଥା ପ୍ରତିଷ୍ଠାତା ବିନୋଦ କାଲ୍‌ରା, ବିୟଣ୍ଡ ସ୍ନାକ୍ସର ପ୍ରତିଷ୍ଠାତା ମାନସ ମଧୁ ଆଦିଙ୍କୁ ଭେଟିବା ସହ ଆଲୋଚନା କରିଥିଲେ। ଏହି ଅବସରରେ ଶିଳ୍ପମନ୍ତ୍ରୀ ସମ୍ପଦଚନ୍ଦ୍ର ସ୍ୱାଇଁ କହିଥିଲେ ଯେ କୃଷିଠାରୁ ଆରମ୍ଭ କରି ସାମୁଦ୍ରିକ ଉତ୍ପାଦ ପର୍ଯ୍ୟନ୍ତ ରହିଥିବା ସମ୍ଭାବନାକୁ ଉପଯୋଗ କରି ମୂଲ୍ୟଯୁକ୍ତ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ବିଶ୍ୱର ଏକ ପ୍ରତିଯୋଗିତାପୂର୍ଣ୍ଣ ହବ୍‌ରେ ପରିଣତ ହେବାକୁ ଆମେ ଲକ୍ଷ୍ୟ ରଖିଛୁ।

## ମୋଦୀଙ୍କୁ ଧନ୍ୟବାଦ ଦେଲେ ନେତାନ୍ୟାହୁ:

### ଭାରତ-ଇସ୍ରାଏଲ ସମ୍ପର୍କକୁ ମଜବୁତ କରିବାକୁ ପ୍ରତିଶ୍ରୁତି



ତେଲ ଅଭିଭ,୮/୮:ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଜଣାଇ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ମଜବୁତ କରିବା ପାଇଁ ଆଶ୍ୱାସନା ଦେଇଛନ୍ତି। ପୂର୍ବରୁ ଦୁଇ ନେତା ଶୁକ୍ରବାର ଏକ ଫୋନ୍ ବାର୍ତ୍ତାଳାପ କରିଥିଲେ, ଯେଉଁଥିରେ ସେମାନେ ପଶ୍ଚିମ ଏସିଆର ପରିସ୍ଥିତି ଏବଂ ଭାରତ-ଇସ୍ରାଏଲ ରଣନୈତିକ ସହଭାଗୀତାର ଅଗ୍ରଗତି ସମୀକ୍ଷା କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ ଏହି ସୂଚନା ସେୟାର କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ପୋଷ୍ଟରେ ଲେଖିଥିଲେ, ମୁଁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କଠାରୁ ଏକ ଫୋନ୍ କଲ୍ ପାଇଲି। ଆମେ ଭାରତ ଏବଂ ଇସ୍ରାଏଲ ମଧ୍ୟରେ ସ୍ୱତନ୍ତ୍ର ରଣନୈତିକ ସହଭାଗୀତାର ବିଭିନ୍ନ ଦିଗରେ ଅଗ୍ରଗତି ସମୀକ୍ଷା କଲୁ, ଯାହା ମଜବୁତ ଏବଂ ବିକଶିତ ହେବାରେ ଲାଗିଛି। ଆମେ ପଶ୍ଚିମ ଏସିଆର ବର୍ତ୍ତମାନର ପରିସ୍ଥିତି ଉପରେ ମଧ୍ୟ ମତ ବିନିମୟ କରିଛୁ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଆଲୋଚନାର ବିବରଣୀ ପ୍ରଦାନ କରିନାହିଁ କିନ୍ତୁ କହିଛି ଯେ ଦୁଇ ନେତା ଭବିଷ୍ୟତରେ ଯୋଗାଯୋଗ ବଜାୟ ରଖିବାକୁ ରାଜି ହୋଇଛନ୍ତି। ନେତାନ୍ୟାହୁ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି, ଧନ୍ୟବାଦ ମୋର ବନ୍ଧୁ, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଆମେ ଏକାଠି ଇସ୍ରାଏଲ ଏବଂ ଭାରତ ମଧ୍ୟରେ ସମ୍ପର୍କକୁ ମଜବୁତ କରିବୁ। ସୂଚନାଯୋଗ୍ୟ,ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କାର୍ଯ୍ୟକାଳରେ ଭାରତ-ଇସ୍ରାଏଲ ସମ୍ପର୍କ ଯଥେଷ୍ଟ ମଜବୁତ ହୋଇଛି। ପ୍ରତିରକ୍ଷା, ନବସୃଜନ, ପ୍ରଯୁକ୍ତିବିଦ୍ୟା, ସାଇବର ସୁରକ୍ଷା ଏବଂ ବାଣିଜ୍ୟ ଭଳି କ୍ଷେତ୍ରରେ ଦୁଇ ଦେଶ ଘନିଷ୍ଠ ସହଯୋଗ ବଜାୟ ରଖିଛନ୍ତି।



କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

# ଜାଲିଆତି କରି ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହଡ଼ପ ଅଭିଯୋଗ, ବନ୍ଧା ହେଲେ ବାପ ପୁଅ



ବଡ଼ବିଲ,୮/୮(ନି/ପ୍ର): ବଡ଼ବିଲ ପୁଲିସକୁ ବଡ଼ ସଫଳତା। ଜାଲିଆତିକରି, ଏକାଧିକ ବ୍ୟାଙ୍କ ଗ୍ରାହକଙ୍କ ଆକାଉଣ୍ଟରୁ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହଡ଼ପ ଅଭିଯୋଗରେ ପୁଲିସ ବାପ ପୁଅଙ୍କୁ ଗିରଫ କରିଥିବା ଜଣାଯାଇଛି। ପୁଲିସ ପକ୍ଷରୁ ବ୍ୟାଙ୍କ ଗ୍ରାହକଙ୍କ ଜମା ଅର୍ଥକୁ ଜାଲିଆତି କାଗଜପତ୍ର ଓ ବ୍ୟାଙ୍କ ଖାତାର ବେଆଇନ ପରିଚାଳନା କରି ଟଙ୍କା ହଡ଼ପ କରୁଥିବା ଏକ ସଂଗଠିତ ବ୍ୟାଙ୍କ ଠକେଇ ତଦନ୍ତରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ମିଳିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ବଡ଼ବିଲ ବାସିନ୍ଦା ଅନିତା ଅଗ୍ରୱାଲଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୧୦ ଲକ୍ଷ ୩୪ ହଜାର ଟଙ୍କା ହଡ଼ପ ହେବାନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଏତଲା ଆଧାରରେ ବଡ଼ବିଲ ଥାନା କେସ ନଂ ୧୩୧/୨୬, ତାରିଖ ୧୪ ପୁଲିସ ପ୍ରାଥମିକ ତଦନ୍ତ ସମୟରେ ଅଭିଯୋଗକାରିଣୀ ଓ ବ୍ୟାଙ୍କ କର୍ମଚାରୀଙ୍କୁ ପଚରାଉଚରା କରିବା ସହ, ବ୍ୟାଙ୍କ୍ ଦସ୍ତାବିଜ ଏବଂ କଲ୍ ଡିଟେଲ୍ ରେକର୍ଡ (ଉଡଜ) ସମେତ ବିଭିନ୍ନ ଯାଂଚ କରିଥିଲା ପୁଲିସ। ମୁଖ୍ୟ ଅଭିଯୁକ୍ତ ଜସପ୍ରୀତ ସିଂହ ଓରଫ ଜସି, ଆଇସିଆଇସିଆଇ ବ୍ୟାଙ୍କର ଜଣେ ରିଲେସନସିପ୍ ମ୍ୟାନେଜର ଭାବେ କାର୍ଯ୍ୟରତ ଥିବା ସମୟରେ ଗ୍ରାହକମାନଙ୍କ ବିଶ୍ୱାସର ସୁଯୋଗ ନେଇ ଗ୍ରାହକ ଘରକୁ ଯାଇ ବ୍ୟାଙ୍କିଂ ସେବା ଯୋଗାଇବା ଆଳରେ ସେମାନଙ୍କ ବ୍ୟାଙ୍କ ଖାତାରେ ଜାଲିଆତି କରୁଥିଲେ। ତଦନ୍ତରୁ ଏହା ମଧ୍ୟ ସ୍ପଷ୍ଟ ହୋଇଛି ଯେ, ଜସପ୍ରୀତ୍ ଗ୍ରାହକଙ୍କ ଦସ୍ତଖତ ଜାଲିଆତି କରିବା, ନକଲି ଫିକ୍ସଡ୍ ଡିପୋଜିଟ୍ (ରଡ) ରସିଦ ପ୍ରଦାନ କରିବା, ପ୍ରକୃତ ରଡକୁ ସମୟ ପୂର୍ବରୁ ବନ୍ଦ କରିବା, ଗ୍ରାହକଙ୍କ ବିନା ଅନୁମତି ରେ ରେଜିଷ୍ଟର୍ଡ ମୋବାଇଲ୍ ନମ୍ବର ପରିବର୍ତ୍ତନ କରିବା, ଗ୍ରାହକଙ୍କ ଖାତାକୁ ବେଆଇନ ଭାବେ ପରିଚାଳନା କରିବା ଏବଂ ବିଭିନ୍ନ 'ମ୍ୟୁଲ୍ ଆକାଉଣ୍ଟ' ମାଧ୍ୟମରେ ଅର୍ଥ ସ୍ଥାନାନ୍ତର କରି ଏହି ଠକେଇ କାର୍ଯ୍ୟ କରୁଥିଲା। ମୁଖ୍ୟ ଅଭିଯୁକ୍ତ ଜସପ୍ରୀତ୍ ସିଂହ ଙ୍କୁ ଗତ ୩ ତାରିଖରେ କୋଲକାତାରୁ ଗିରଫ କରାଯାଇଥିବାବେଳେ, ଏହି ଜାଲିଆତି କାର୍ଯ୍ୟରେ ଜସପ୍ରୀତଙ୍କ ପିତା ବିକ୍ରମ ସିଂହଙ୍କ ଥିବା ପୁଲିସ ଜାଣିବାପରେ, ଗତକାଲି ୬ ତାରିଖରେ ବିକ୍ରମଙ୍କୁ ମଧ୍ୟ ପୁଲିସ ଗିରଫ କରିଥିଲା। ଗିରଫ ଅଭିଯୁକ୍ତ ଜସପ୍ରୀତଙ୍କ ଘର ମିନାଲ କଲୋନିରେ ହୋଇଥିବାବେଳେ ବାପା ବିକ୍ରମ ସିଂହ ୧୫ ନମ୍ବର୍ ୱାର୍ଡର ବାସିନ୍ଦା ବୋଲି ଜଣାଯାଇଛି। ବଡ଼ବିଲ ଥାନା କେସ ନମ୍ବର ୧୩୧/୨୬ ରେ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ପୁଲିସ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛି।

# ଦୃଷ୍ଟିବାଧିତ ଉଚ୍ଚଶିକ୍ଷାର୍ଥୀଙ୍କୁ ଲାପଟପ୍ ବଂଟନ



କେନ୍ଦୁଝର,୮/୮(ନି/ପ୍ର): ଦୃଷ୍ଟି ବାଧିତ ଉଚ୍ଚଶିକ୍ଷାର୍ଥୀମାନଙ୍କ ଶିକ୍ଷାକୁ ଅଧିକ ସୁଗମ ଏବଂ ପ୍ରଯୁକ୍ତିନିର୍ଭର କରିବା ଉଦ୍ଦେଶ୍ୟରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଆଜି କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଚାରିଜଣ ଦୃଷ୍ଟି ବାଧିତ ଉଚ୍ଚଶିକ୍ଷାର୍ଥୀଙ୍କୁ ଲାପଟପ୍ ବଂଟନ କରାଯାଇଛି। ଲାଭାନ୍ୱିତ ଶିକ୍ଷାର୍ଥୀମାନେ ହେଲେ ରବୀନ୍ଦ୍ର କୁମାର ନାୟକ (+୩ କଳା), ଆଲୋକ କୁମାର ନାୟକ (ସ୍ନାତକୋତର, ଓଡ଼ିଆ), ସାନୁ ଟୁଡୁ (+୩ କଳା) ଏବଂ ମନୋଜ କୁମାର ସାହୁ (ଏମ୍.ଏ., ଓଡ଼ିଆ)। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମନ୍ଦରଧର ମହାଳିକ ଲାଭାନ୍ୱିତମାନଙ୍କୁ ଲାପଟପ୍ ପ୍ରଦାନ କରି ନିଜ ଶିକ୍ଷାଜୀବନରେ ଏହାର ସଦୁପଯୋଗ କରିବା ସହ ସଫଳତାର ସହ ଆଗକୁ ବଢ଼ିବା ପାଇଁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଭୁବନେଶ୍ୱରୀ ମହାନ୍ତ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଉପସ୍ଥିତ ଥିଲେ।

# କୁଣ୍ଡେଶ୍ୱର ମନ୍ଦିର କମିଟି ପକ୍ଷରୁ ଜିଲ୍ଲାପାଳଙ୍କୁ ସମ୍ବର୍ଦ୍ଧିତ

ଘଟଗାଁ,୮/୮(ନି/ପ୍ର):କୁଣ୍ଡାପିଠା କୁଣ୍ଡେଶ୍ୱର ମନ୍ଦିରକୁ ଦୀର୍ଘ ବର୍ଷ ପରେ ଘଟଗାଁ ବ୍ଲକ ବିଡ଼ିଓ ଶ୍ରୀଯୁକ୍ତ ଖଗେଶ୍ୱର ବରାଳଙ୍କ ପ୍ରଚେଷ୍ଟାର୍ରେ ଜିଲ୍ଲାପ୍ରଶାସନ ପକ୍ଷରୁ ପ୍ରଥମ ଥର ପାଇଁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ନିମ୍ନନ୍ତେ ପଦକ୍ଷେପ କରି ଥିବାରୁ ମନ୍ଦିର କମିଟି ତଥା ଅଂଚଳର ଜନସାଧାରଣଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି ମନ୍ଦିର କମିଟିର ସଦସ୍ୟ ମାନେ ଘଟଗାଁ ବିଡ଼ିଓ ବରାଳଙ୍କୁ ଶୁଭେଚ୍ଛା ଜଣାଇବା ସହିତ କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂ (ଆଇଏସ)ଙ୍କୁ କମିଟିର କର୍ମକର୍ତାମାନେ ପୁଷ୍ପଗୁଚ୍ଛ ଉତରୀୟ ଓ ଉପ ଢୌକନ ଦେଇସମ୍ବର୍ଦ୍ଧିତ କରିଛନ୍ତି !ଏହି ଅବ ସରରେ କୁକୁର କଟା ନଦୀ ରେ ସ୍ଥାୟୀ ପୋଲ ନିର୍ମାଣ କୁଣ୍ଡେଶ୍ୱରମନ୍ଦିରକୁ ଆଲୋକୀ କରଣ ଓ ମନ୍ଦିର ପରିସରରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ କରିବାକୁ ମନ୍ଦିର ପ୍ରତିଷ୍ଠାତା ବିଜୟ କୁମାର ପଲେଇ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି। ରାମଚନ୍ଦ୍ର ନାଏ କ ଯଶୋବନ୍ତ ନାୟକ ଶ୍ରୀକାନ୍ତ ମହନ୍ତ ଦିଲୁ ବହାଦୁର ରାଧା ମୁଣ୍ଡା ଦିବ୍ୟଜିତ ପଲେଇ ସୁନୀଲ ପଇଦା ଫିଂଟୁ ନାୟକ ସୁକୁରା ମୁଣ୍ଡା ଓ କୁଣ୍ଡେଶ୍ୱର ବାହୀନିର ସଦସ୍ୟ ମାନେ ଜିଲ୍ଲାପାଳଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଧାମନଗରର ବନ୍ୟା ପ୍ରଭାବିତ ଅଂଚଳର ସ୍ଥିତି ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ

## ଡାକ୍ତର ଅଭାବ ଦୂର କରିବା ସହ ଚିକିତ୍ସା ସେବା ସୁଦୃଢ଼ କରିବାକୁ ନିର୍ଦ୍ଦେଶ



ଭଦ୍ରକ,୮/୮(ନି/ପ୍ର): ବନ୍ୟା ପାଣି ଛାଡ଼ିବା ପରେ ସମ୍ଭାବ୍ୟ ଜଳବାହିତ ରୋଗର ମୁକାବିଲା, ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଏବଂ ସ୍ୱାସ୍ଥ୍ୟ ସେବାର ବାସ୍ତବ ସ୍ଥିତିର ସମୀକ୍ଷା ପାଇଁ ଗୁରୁବାର ରାଜ୍ୟର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଧାମନଗର ବ୍ଲକର ବିଭିନ୍ନ ବନ୍ୟା ପ୍ରଭାବିତ ଅଂଚଳ ଗସ୍ତ କରିଥିଲେ। ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ଜଳବାହିତ ରୋଗ ରୋକିବା ପାଇଁ ଆବଶ୍ୟକ ସମସ୍ତ ପଦକ୍ଷେପ ଗ୍ରହଣ କରିବାକୁ ସେ ସ୍ୱାସ୍ଥ୍ୟ ବିଭାଗକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ମଧ୍ୟାହ୍ନରେ ମନ୍ତ୍ରୀ ଧାମନଗର ବଡ଼ବଜାରରେ ପହଂଚିବା ପରେ ସ୍ଥାନୀୟ ଜନପ୍ରତିନିଧି ଓ ବିଜେପି କର୍ମୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ପରେ ସେ ଏନ୍‌ଏସିର ୧୦ ନମ୍ବର ୱାର୍ଡ ସମେତ ବିଭିନ୍ନ ବନ୍ୟା ପ୍ରଭାବିତ ଅଂଚଳ ବୁଲି ଲୋକଙ୍କ ସହ ସିଧାସଳଖ କଥା ହୋଇ ସେମାନଙ୍କ ସମସ୍ୟା ବୁଝିଥିଲେ। ବନ୍ୟା ପାଣି ଛାଡ଼ିବା ପରେ ପାନୀୟ ଜଳର ଗୁଣବତା, ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା ଏବଂ ସଂକ୍ରାମକ ରୋଗ ନିୟନ୍ତ୍ରଣର ବାସ୍ତବ ସ୍ଥିତି ସମ୍ପର୍କରେ ଅଧିକାରୀଙ୍କଠାରୁ ତଥ୍ୟ ନେଇଥିଲେ। ଗସ୍ତ ସମୟରେ ବିଭିନ୍ନ ଗ୍ରାମର ନଳକୂପ ଓ ଟ୍ୟୁବୱେଲରୁ ପାଣିର ନମୁନା ସଂଗ୍ରହ, ଜଳ ପରୀକ୍ଷା ଏବଂ ବିଶୋଧନ କାର୍ଯ୍ୟକ୍ରମର ଅଗ୍ରଗତି ନିଜେ ତଦାରଖ କରିଥିଲେ। ଡାଇରିଆ, ଜଣ୍ଡିସ୍, ଛାଡ଼ବାନ୍ତି ସମେତ ଅନ୍ୟାନ୍ୟ ଜଳବାହିତ ରୋଗ ଯେପରି ମହାମାରୀ ରୂପ ନ ନିଏ, ସେଥିପାଇଁ ପ୍ରଭାବିତ ଅଂଚଳରେ ନିୟମିତ ସ୍ୱାସ୍ଥ୍ୟ ଶିବିର, ଘରକୁ ଘର ସ୍ୱାସ୍ଥ୍ୟ ସର୍ଭେ, ଆବଶ୍ୟକ ଔଷଧ ମହଜୁଦ, ଓଆରଏସ୍ ଓ କ୍ଲୋରିନ୍ ଟାବଲେଟ୍ ବଂଟନ ଏବଂ ବିଶୁଦ୍ଧ ପାନୀୟ ଜଳ ଯୋଗାଣକୁ ତ୍ୱରାନ୍ୱିତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ପରେ ମନ୍ତ୍ରୀ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଂଚି ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟ ସେବାର ସମୀକ୍ଷା ବୈଠକ କରିଥିଲେ। ବୈଠକରେ ଡାକ୍ତର ଓ ପାରାମେଡିକାଲ କର୍ମଚାରୀଙ୍କ ଅଭାବ, ଔଷଧର ଉପଲବ୍ଧତା, ଜରୁରୀକାଳୀନ ଚିକିତ୍ସା, ନୂତନ ହସ୍ପିଟାଲ ଭବନ ନିର୍ମାଣ, ରୋଗୀ ସେବାର ମାନ ବୃଦ୍ଧି ଏବଂ ଆଗାମୀ ଦିନରେ ସ୍ୱାସ୍ଥ୍ୟ ଭିତିଭୂମିକୁ ଅଧିକ ସୁଦୃଢ଼ କରିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ମନ୍ତ୍ରୀ କହିଥିଲେ ଯେ, ବନ୍ୟା ସମୟରେ ସରକାରଙ୍କ ସମନ୍ୱିତ ପଦକ୍ଷେପ ଯୋଗୁଁ କୌଣସି ଜନହାନି ଘଟିନାହିଁ। ବିଶେଷକରି ଅପହଂଚ ଅଂଚଳରେ ଉଦ୍ଧାର ଓ ଚିକିତ୍ସା ସେବା ପହଂଚାଇବାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି ସେ କହିଥିଲେ। ସେହିପରି ବନ୍ୟା ସମୟରେ ଆଶାକର୍ମୀ, ଏଏନ୍‌ଏମ୍, ଡାକ୍ତର ଏବଂ ମେଡିକାଲ ଟିମ୍‌ର ନିଷ୍ଠାପର ସେବାକୁ ଭୂୟସୀ ପ୍ରଶଂସା କରିଥିଲେ। ୧୭ ଜଣ ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇ ସଫଳ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିବା କଥା ମଧ୍ୟ ସେ ଉଲ୍ଲେଖ କରିଥିଲେ। ବନ୍ୟା ପରେ ଦୂଷିତ ପାଣି ଯୋଗୁଁ କୌଣସି ସଂକ୍ରାମକ ରୋଗ ନ ବ୍ୟାପିବା ପାଇଁ ସମସ୍ତ ନଳକୂପ ଓ ଟ୍ୟୁବୱେଲରେ ବିଶୋଧନକାରୀ ଔଷଧ ପ୍ରୟୋଗ, ନିୟମିତ ପାଣି ପରୀକ୍ଷା ଏବଂ ସଚେତନତା କାର୍ଯ୍ୟକ୍ରମକୁ ଜୋରଦାର କରିବାକୁ ସେ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଲୋକମାନଙ୍କୁ ଫୁଟା ପାଣି ପିଇବା, ପରିଷ୍କାର-ପରିଚ୍ଛନ୍ନତା ରକ୍ଷା କରିବା ଏବଂ ସାମାନ୍ୟ ଅସୁସ୍ଥତା ଦେଖାଦେଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇବାକୁ ମଧ୍ୟ ପରାମର୍ଶ ଦିଆଯାଇଥିଲା। ଏହାପରେ ମନ୍ତ୍ରୀ ଧୂଷୁରୀ ଏରିଆ ହସ୍ପିଟାଲ ପରିଦର୍ଶନ କରି ସେଠାରେ ଥିବା ଭିତିଭୂମିଗତ ଓ ଚିକିତ୍ସା ସମ୍ବନ୍ଧୀୟ ସମସ୍ୟାର ସମୀକ୍ଷା କରିଥିଲେ। ହସ୍ପିଟାଲରେ ରୋଗୀ ସେବାକୁ ଆହୁରି ଉନ୍ନତ କରିବା, ଆବଶ୍ୟକ ଜନବଳ ଓ ଚିକିତ୍ସା ସାମଗ୍ରୀର ଉପଲବ୍ଧତା ସୁନିଶ୍ଚିତ କରିବା ସହ ସମସ୍ୟାର ଶୀଘ୍ର ସମାଧାନ ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ପଦକ୍ଷେପ ନେବାକୁ କହିଥିଲେ। ଗସ୍ତରେ ସ୍ୱାସ୍ଥ୍ୟ ବିଭାଗର ଡାଇରେକ୍ଟର ଡା. ନୀଳକଣ୍ଠ ମିଶ୍ର, ଭଦ୍ରକ ଜିଲ୍ଲାପାଳ ସୁମେଶ ଉପାଧ୍ୟାୟ, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରମୋଦ କୁମାର ପ୍ରହରାଜ, ଉପଜିଲ୍ଲାପାଳ ସରୋଜ ଦତ, ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ମନମୟ ସାମନ୍ତ ସିଂହାର, ତହସିଲଦାର ଜ୍ଞାନରଞ୍ଜନ ସାହୁ, ବିଡିଓ ବନବିହାରୀ ଦିଣ୍ଡାଙ୍କ, ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ପ୍ରତିନିଧି ଆଶୋକ ପୁହାଣ, ଭଦ୍ରକ ସାଂସଦଙ୍କ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ଜିଲା ସଧାରଣ ସମ୍ପାଦକ ଅରବିନ୍ଦ ପତି, ନଗର ପ୍ରତିନିଧି କୈଳାଶ ମହାପାତ୍ର, ସାଂସଦଙ୍କ ପ୍ରତିନିଧି ସରୋଜ ମହାପାତ୍ର, କାଉନସିଲର ଅନୁସୟା ମଲ୍ଲିକ୍,ସ୍ୱପ୍ନା ବେହୁରିଆ, ପ୍ରସାନ୍ତ ପରିଡା, ଚିତରଂଜନ ଜେନା, ନାୟରଣ ରାଉତ୍, ଦୟାନିଧି ରାଉତ୍, ଶ୍ରୀକାନ୍ତ ମଲ୍ଲିକ୍, ସେକ ହମିଦ, ସେକ ମନୁ ସମେତ ବହୁ ବିଜେପି କର୍ମୀ ଓ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବନ୍ୟାରେ ପ୍ରମୁଖ ସଡ଼କ କ୍ଷତିଗ୍ରସ୍ତ ସ୍ଥିତି ଅନୁଧ୍ୟାନ କଲେ ଆରଡ଼ି ସଚିବ

ଭଦ୍ରକ,୮/୮(ନି/ପ୍ର): ଗତ ସପ୍ତାହରେ ଆସିଥିବା ବନ୍ୟା ଧାମନଗର ବ୍ଲକରେ ପ୍ରଭୂତ କ୍ଷତି ଘଟାଇଛି।ପ୍ରଖର ସ୍ରୋତ ପ୍ରବାହିତ ହୋଇ ଅଧିକାଂଶ ସଡକ ଶୋଚନୀୟ ହୋଇଯାଇଛି।ଯାହା ଫଳରେ ଯାତାୟାତ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଧାମନଗର ବନ୍ୟାରେ କ୍ଷତିଗ୍ରସ୍ତ ଗ୍ରାମ୍ୟ ରାସ୍ତା ଓ ଭିତିଭୂମିର ସ୍ଥିତି ଅନୁଧ୍ୟାନ କରିବା ପାଇଁ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ସଚିବ ଯାମିନୀ ଷଡ଼ଙ୍ଗୀ ଗୁରୁବାର ଧାମନଗର ବ୍ଲକ ଅନ୍ତର୍ଗତ ଅସୁରାଳି ଜୋନ୍‌ର ବିଭିନ୍ନ ଅଂଚଳ ଗସ୍ତ କରିଥିଲେ। ବିଭାଗୀୟ ସଚିବଙ୍କ ସମେତ ବରିଷ୍ଠ ଅଧିକାରୀମାନେ ମଙ୍ଗଳପୁର-ଝାଟିଆସାହି ରାସ୍ତାର ବନ୍ୟାଜନିତ କ୍ଷୟକ୍ଷତି ବୁଲି ଦେଖିବା ପରେ ସ୍ଥାନୀୟ ଦେଶବନ୍ଧୁ ନୋଡାଲ ବିଦ୍ୟାଳୟ ପରିଦର୍ଶନ କରି ଶ୍ରେଣୀଗୃହରେ ପାଠପଢ଼ା, ମଧ୍ୟାହ୍ନ ଭୋଜନ, ବିଦ୍ୟାଳୟର ପରିବେଶ ସମ୍ପର୍କରେ ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ।ଏଥି ସହ ଅସୁରାଳି ପଂଚାୟତର ମଦନ ନଗର ଅଙ୍ଗନବାଡ଼ି କେନ୍ଦ୍ରରେ ପହଂଚି ଶିଶୁମାନଙ୍କୁ ମିଳୁଥିବା ପୁଷ୍ଟିକର ଖାଦ୍ୟ, ପ୍ରାକ୍-ଶିକ୍ଷା ଓ କେନ୍ଦ୍ରର କାର୍ଯ୍ୟକଳାପ ସମୀକ୍ଷା କରିଥିଲେ। ଫତେପୁର-ପତ୍ରିସାହି ଏବଂ ଧୂଷୁରୀ-ପଚ୍ଛାଳ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ରାସ୍ତାଗୁଡ଼ିକର ବନ୍ୟାଜନିତ କ୍ଷୟକ୍ଷତି ସ୍ଥଳ ପରିଦର୍ଶନ କରି ଥିଲେ। ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ ଦତ, ଧାମନଗର ଏବିଡିଓ ଶର୍ମିଷ୍ଠା ମଲ୍ଲିକ, ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ହିମାଦ୍ରି ତନ୍ମୟ ସାମଲ, ଉପଖଣ୍ଡ ଯନ୍ତ୍ରୀ କୃତିବାସ ମହାପାତ୍ର ନିର୍ବାହୀ ଯନ୍ତ୍ରୀ ଗଣେଶ ଚନ୍ଦ୍ର ହେମ୍ବ୍ରମ ତନୟ ସାମଲ,କନିଷ୍ଠ ଯନ୍ତ୍ରୀ ରୂପକ କୁମାର ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ଅଂଚଳର ଲୋକ ପ୍ରତିନିଧି ବିଭିନ୍ନ ସ୍ଥାନର କ୍ଷୟକ୍ଷତି ବିଷୟରେ ସଚିବଙ୍କୁ ଅବଗତ କରାଇଥିଲେ।

## ବିଦ୍ୟାଳୟରେ ଅସୁସ୍ଥ, ଡାକ୍ତରଖାନାରେ ମୃତ, ଛାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନ,୮/୮(ନି/ପ୍ର): ଢେଙ୍କାନାଳ ଜିଲ୍ଲା ଭୁବନ ପିଏମ୍ ଶ୍ରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ମଧ୍ୟାହ୍ନ ଭୋଜନ ପରେ ଜନୈକ ଅଷ୍ଟମ ଶ୍ରେଣୀ ଛାତ୍ର ହଠାତ ଅସୁସ୍ଥ ହୋଇ ଡାକ୍ତରଖାନାରେ ମୃତ୍ୟୁ ବରଣ କରିଥିଲେ। ଗୁରୁବାର ତାଙ୍କ ପାର୍ଥିବ ଶରୀର ବିଦ୍ୟାଳୟକୁ ଅଣାଯାଇ ଶୋକ ପାଳନ କରାଯିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ଓ ଶବାଧାରରେ ଛାତ୍ରଛାତ୍ରୀ ମାନେ ସାମିଲ ହୋଇ ସହର ପରିକ୍ରମା କରିଥିଲେ । ପ୍ରାପ୍ତ ସୂଚନାନୁଯାୟୀ ଭୁବନ ଏନ୍ ଏ ସି ଅନ୍ତର୍ଗତ ୧୨ ନମ୍ବର ୱାର୍ଡର ପବିତ୍ର ସାଥୁଆ ମହାପାତ୍ର ଙ୍କ ପୁଅ ମଙ୍ଗରାଜ (୧୩) ଭୁବନ ଉଚ୍ଚ ବିଦ୍ୟାଳୟ ରେ ଅଷ୍ଟମ ଶ୍ରେଣୀରେ ପଢୁଥିଲେ । ବୁଧବାର ମଧ୍ୟାହ୍ନ ଭୋଜନ ପରେ ସେ ହଠାତ ଅସୁସ୍ଥ ହୋଇ ପଡ଼ିଥିଲେ।

# ବଣୁଆ ହାତୀ ସହ ଲାଗି ଯୁବକ ଗିରଫ

## ସୋସିଆଲ ମିଡିଆ ନିଶାରେ ବଣୁଆ ହାତୀ ସହ ଲାଗିବା ପଡ଼ିଲା ମହଙ୍ଗା

କେନ୍ଦୁଝର,୮/୮(ନି/ପ୍ର): କେନ୍ଦୁଝର ରେ ବଣୁଆ ହାତୀ ସହ ଲାଗି ଯୁବକ ଗିରଫ , ସୋସିଆଲ ମିଡିଆ ନିଶାରେ ବଣୁଆ ହାତୀ ସହ ଲାଗିବା ପଡ଼ିଲା ମହଙ୍ଗା । ସୋସିଆଲ ମିଡିଆରେ କିଛି ଲାଇକ୍, ଭ୍ୟୁଜ୍ ଓ ଫଲୋଅର୍ ବଢ଼ାଇବାର ନିଶା ଜଣେ ଯୁବକଙ୍କୁ ପହଂଚାଇଦେଲା ଜେଲ୍‌ର ଚାରି କନ୍ଥ ଭିତରେ । ବଣୁଆ ହାତୀ ସହ ବିପଦପୂର୍ଣ୍ଣ ଷ୍ଟଂ କରି ଭିଡିଓ ଭାଇରାଲ କରିବା ପଡ଼ିଲା ମହଙ୍ଗା। ହାତୀର ଦାନ୍ତ ଧରି ଫଟୋ ଓ ଭିଡିଓ କରି ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ସଂପୃକ୍ତ ଯୁବକଙ୍କୁ ଗିରଫ କରିଛି କେନ୍ଦୁଝର ବନ ବିଭାଗ। କେନ୍ଦୁଝର ଚମ୍ପୁଆ ଥାନା ଅନ୍ତର୍ଗତ ଗୋଧୂଳି ଗାଁର ଗଣେଶ ନାୟକ ଏକ ବଣୁଆ ହାତୀର ଅତି ନିକଟକୁ ଯାଇ ତାହାର ଦାନ୍ତ ଧରି ଫଟୋ ଓ ଭିଡିଓ କରିଥିଲେ। ପରେ ସେହି ଭିଡିଓକୁ ସୋସିଆଲ ମିଡିଆରେ ପୋଷ୍ଟ କରିବା ସହ ତାହା ଦ୍ରୁତ ଭାଇରାଲ ହୋଇଥିଲା। ଭିଡିଓ ସାମ୍ନାକୁ ଆସିବା ପରେ ତଦନ୍ତ ଆରମ୍ଭ କରି କେନ୍ଦୁଝର ବନ ବିଭାଗ ଯୁବକଙ୍କୁ ଗିରଫ କରିଛି। ବନ୍ୟଜନ୍ତୁଙ୍କୁ ଉତେଜିତ କରିବା ଓ ବନ୍ୟପ୍ରାଣୀ ସୁରକ୍ଷା ନିୟମ ଉଲ୍ଲଂଘନ ଅଭିଯୋଗରେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ଏବଂ ତାଙ୍କ ସହ ଆଉ ଦୁଇ ଜଣ ଯୁବକଙ୍କୁ ମଧ୍ୟ ଗିରଫ କରାଯାଇଛି । ଗଣେଷଙ୍କ ନାଁ ରେ ପୂର୍ବରୁ ମଧ୍ୟ କେଶ ଥିଲା ଏବଂ ସେ ଫେରାର ଥିଲେ । ବର୍ତମାନ କେନ୍ଦୁଝର ସମେତ ରାଜ୍ୟର ବିଭିନ୍ନ ଅଂଚଳରେ ମଣିଷ-ହାତୀ ଲଢେଇ ବଢ଼ି ଚାଲିଛି। ହାତୀ ଲୋକଙ୍କ ଉପରେ ଆକ୍ରମଣ କରୁଛି, ଘର ଭାଙ୍ଗୁଛି, ଫସଲ ନଷ୍ଟ କରୁଛି। ଏଭଳି ସମୟରେ କିଛି ଯୁବକ କେବଳ ସୋସିଆଲ ମିଡିଆରେ ଭାଇରାଲ ହେବା ପାଇଁ ହାତୀର ନିକଟକୁ ଯାଇ ତାକୁ ବାଡ଼ିରେ ପିଟିବା, ଲାଙ୍ଗୁଡ଼ ଟାଣିବା, ସୁଣ୍ଡକୁ ଛୁଇଁବା , ବିକଟାଳ ଶବ୍ଦ କରି ଉତେଜିତ କରିବା ଭଳି ବିପଦପୂର୍ଣ୍ଣ କାମ କରୁଛନ୍ତି। ଏହା ହାତୀକୁ ଅଧିକ ଉତେଜିତ ଓ ଆକ୍ରମଣାତ୍ମକ କରିବା ସହ ସେମାନଙ୍କ ନିଜ ଜୀବନକୁ ମଧ୍ୟ ବିପଦରେ ପକାଉଛି। ବନ ବିଭାଗ ବାରମ୍ବାର ସଚେତନ କରୁଛି-ହାତୀ ନିକଟକୁ ଯିବେ ନାହିଁ, ଟେକାପଥର ମାରିବେ ନାହିଁ, ଶବ୍ଦ କରି ଉତେଜିତ କରିବେ ନାହିଁ କିମ୍ବା ସେଲ୍ଫି ଓ ଭିଡିଓ ପାଇଁ ବିପଦ ସୃଷ୍ଟି କରିବେ ନାହିଁ। କିନ୍ତୁ କିଛି ଯୁବକ ଭ୍ୟୁଜ୍ ଓ ଲାଇକ୍ ପାଇଁ ନିଜ ଜୀବନ ସହ ଖେଳୁଛନ୍ତି। ତେବେ ଏହି ଗିରଫ ଘଟଣା ଏଭଳି ବିପଦପୂର୍ଣ୍ଣ କାର୍ଯ୍ୟକରୁଥିବା ଲୋକଙ୍କ ପାଇଁ ଏକ କଡ଼ା ସନ୍ଦେଶ ।ଭାଇରାଲ ହେବାଠାରୁ ଜୀବନ ଅଧିକ ମୂଲ୍ୟବାନ । ଏହି ବାର୍ତାକୁ ପୁଣିଥରେ ଦୋହରାଇଛି କେନ୍ଦୁଝର ବନ ବିଭାଗ।

## ହୃଦଘାତରେ ପ୍ରଧାନ ଆଚାର୍ଯ୍ୟଙ୍କ ପରଲୋକ

ନୂଆପଡ଼ା,୮/୮(ନି/ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଢ଼ଙ୍କଶର ଗ୍ରାମର ବାସିନ୍ଦା ତଥା ସାରାବଙ୍ଗ ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଗୁରୁଜୀ ଦେବେନ୍ଦ୍ର ନାଗଙ୍କର ଗୁରୁବାର ହୃଦଘାତରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ଶିକ୍ଷାଜଗତ ସମେତ ସମଗ୍ର ଅଙ୍ଗ;ଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ଦେବେନ୍ଦ୍ର ନାଗ ଶିଶୁ ବିଦ୍ୟାମନ୍ଦିରରେ ଶିକ୍ଷକତା ଜୀବନ ଆରମ୍ଭ କରି ଉକ୍ଷମ ନାଗରିକ ଗଠନରେ ନିଜକୁ ସମର୍ପିତ କରିଥିଲେ। ଖଡ଼ିଆଳ ଶିଶୁମନ୍ଦିରରେ ୧୪ ବର୍ଷ ଧରି ଶିକ୍ଷକତା କରିବା ପରେ ସେ ଡୁକୁଲା, ଡୁଆଝର, ସୁନାରିସିକୁଆ, ବଙ୍ଗୋମୁଣ୍ଡା ଓ ସାରାବଙ୍ଗ ଶିଶୁମନ୍ଦିରରେ ଶିକ୍ଷାଦାନ କରି ଅନେକ ଛାତ୍ରଛାତ୍ରୀଙ୍କ ଜୀବନ ଗଢ଼ିବାରେ ଉଲ୍ଲେଖନୀୟ ଅବଦାନ ରଖିଥିଲେ। କିଛିଦିନ ହେବ ସେ ହୃଦରୋଗରେ ପୀଡ଼ିତ ଥିଲେ। ପ୍ରଥମେ ତାଙ୍କୁ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା। ପରେ ଅଧିକ ଚିକିତ୍ସା ପାଇଁ ରାୟପୁରକୁ ନିଆଯାଇଥିଲେ।

# ସାଂସ୍କୃତିକ ପରିଚୟ ସଂରକ୍ଷଣରେ ଓଡ଼ିଶାର ବୁଣାକାରମାନଙ୍କ ଅବଦାନ ପ୍ରଶଂସନୀୟ: ରାଜ୍ୟପାଳ



ଭୁବନେଶ୍ୱର,୮/୮(ନି/ପ୍ର): ରାଜ୍ୟ ସରକାରଙ୍କ ହସ୍ତତନ୍ତ,ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ଆୟୋଜିତ ୧୨ତମ ଜାତୀୟ ହସ୍ତତନ୍ତ ଦିବସ ୭ ଅଗଷ୍ଟ ୨୦୨୬ରେ ଭୁବନେଶ୍ୱରର ଇଡକୋ ପ୍ରଦର୍ଶନୀ ପଡ଼ିଆଠାରେ ପାଳିତ ହୋଇଯାଇଛି। ଏହା ରାଜ୍ୟର ସମୃଦ୍ଧ ହସ୍ତତନ୍ତ ଐତିହ୍ୟକୁ ସୁରକ୍ଷିତ ରଖିବା, ବୁଣାକାରସମ୍ପ୍ରଦାୟର ଜୀବିକାକୁ ସୁଦୃଢ଼ କରିବା ସହ ହସ୍ତତନ୍ତ କ୍ଷେତ୍ରରେ ନୂତନତା, ପ୍ରଯୁକ୍ତିବିଦ୍ୟା ଏବଂ ସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ପୁନଃନିର୍ମାଣ କରିଛି। ଏହି ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶାର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଯୋଗଦେଇଥିବା ବେଳେ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ, ଓଡ଼ିଶା ପ୍ରଦୀପ ବଳ ସାମନ୍ତ ; କମିଶନର-ତଥା-ଶାସନ ସଚିବ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଗୁହା ପୁନମ ତାପସ କୁମାର (ଭା.ପ୍ର.ସେ.); ବରିଷ୍ଠ ବିଭାଗୀୟ ଅଧିକାରୀ; ମାଷ୍ଟର ବୁଣାକାର; ଡିଜାଇନର; ପୁରସ୍କାରପ୍ରାପ୍ତ ବ୍ୟକ୍ତିବିଶେଷ; ବୁଣାକାର ସମବାୟ ସମିତିର ପ୍ରତିନିଧି; ଅନୁଷ୍ଠାନ; ଶିଳ୍ପ ଅଂଶୀଦାର, ଉଦ୍ୟୋଗୀ ଏବଂ ହସ୍ତତନ୍ତ ଓ ବୟନ କ୍ଷେତ୍ରର ଅନ୍ୟାନ୍ୟ ସମ୍ମାନିତ ଅତିଥି ମଧ୍ୟ ଯୋଗଦାନ କରିଛନ୍ତି। କାର୍ଯ୍ୟକ୍ରମର ଅଂଶ ଭାବରେ, ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ କରକମଳରେ ଅନେକ ପ୍ରମୁଖ ପ୍ରକଳ୍ପ ଯଥା ଜଗତସିଂହପୁରରେ କସ୍ତା ଭବନ; ସୁକିନ୍ଦା, ଯାଜପୁରରେ ଟସର ସିଲ୍କ ପାର୍କ ଓ ସୁବିଧା କେନ୍ଦ୍ର (ଙଗଈଇଉଉ); ଅଭିମାନପୁର, କଟକରେ ହସ୍ତତନ୍ତ ଓ କୃତ୍ରିମ ବୁଦ୍ଧିମତା ପାର୍କ; ଗୁଜରାଟ, ଅହମ୍ମଦାବାଦ ଏବଂ ପୁରୀର ରଘୁରାଜପୁରରେ ରେଶମ୍ ଓଡ଼ିଶା ଶୋ'ରୁମ୍; ଯାଜପୁର, ସୁବର୍ଣ୍ଣପୁର, ବୌଦ୍ଧ, କୋରାପୁଟ, ରାୟଗଡ଼ା, ଗଞ୍ଜାମ, କଳାହାଣ୍ଡିରେ ପ୍ରମୁଖ ପ୍ରାଥମିକ ବୁଣାକାର ସମବାୟ ସମିତି (ଚଡଉଝ)ମାନଙ୍କ ପାଇଁ ସାତଟି କ୍ଷୁଦ୍ର ପୋଷାକ ୟୁନିଟ୍; ଯାଜପୁର, କଳାହାଣ୍ଡି ଏବଂ କଟକର ପ୍ରମୁଖ ପ୍ରାଥମିକ ବୁଣାକାର ସମବାୟ ସମିତି (ଚଡଉଝ)ମାନଙ୍କ ପାଇଁ ତିନୋଟି ବିକ୍ରୟ କେନ୍ଦ୍ରର ଭର୍ଚୁଆଲ ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଅବସରରେ, ଖୋର୍ଦ୍ଧାର ରାଉତପଡ଼ାରେ ଏକ ଫ୍ୟାବ୍ରିକ୍ କ୍ୟାଲେଣ୍ଡରିଂ ୟୁନିଟର ମଧ୍ୟ ଉଦଘାଟନ କରାଯାଇଛି, ଯାହା ହସ୍ତତନ୍ତ ଉତ୍ପାଦ ପାଇଁ ଫିନିସିଂ ସୁବିଧା ଏବଂ ମୂଲ୍ୟ ବୃଦ୍ଧି ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସାବ୍ୟସ୍ତ ହେବ। ଏହି ପଦକ୍ଷେପଗୁଡ଼ିକ ଭିତିଭୂମିକୁ ସୁଦୃଢ଼ କରିବା, ଉତ୍ପାଦନ କ୍ଷମତା ବୃଦ୍ଧି କରିବା ଏବଂ ରାଜ୍ୟ ସାରା ବୁଣାକାର ଏବଂ ବୟନଶିଳ୍ପ ଅଂଶୀଦାରମାନଙ୍କୁ ଅଧିକ ସହାୟତା ପ୍ରଦାନ କରିବାର ଆଶା କରାଯାଉଛି। ଏହି କାର୍ଯ୍ୟକ୍ରମର ଏକ ଗୁରୁତ୍ୱପୂର୍ଣ୍ଣ ଆକର୍ଷଣ ଥିଲା ସ୍ଥାୟୀ ଫ୍ୟାଶନ ଉପରେ ଆମାଜନ କାରିଗର, ଗ୍ରାସିମ୍ ଇଣ୍ଡିଆ ଲିମିଟେଡ୍ ଓ କୁବି ଡିଜାଇନର୍ ଷ୍ଟୁଡିଓ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରାଯାଉଛି।







# ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା ଅଧୀନରେ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ

ଝାରସୁଗୁଡ଼ା,୮/୮(ନି/ପ୍ର): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ 'ସାର୍ବଜନୀନ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ - ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା' (୨୦୨୬-୨୭) ଅଧୀନରେ 'ସ୍କୁଲ ଆଇ ହେଲ୍ଥ ପ୍ରୋଗ୍ରାମ' ପାଇଁ ଏକ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଚକ୍ଷୁ ସ୍ୱାସ୍ଥ୍ୟ, ଦୃଷ୍ଟିଶକ୍ତି ସମସ୍ୟାର ଶୀଘ୍ର ଚିହ୍ନଟ ଏବଂ ମାଗଣା ଚଷମା ବଣ୍ଟନ ସମ୍ପର୍କରେ ବ୍ୟାପକ ଆଲୋଚନା କରାଯାଇଛି । ଏହି ବୈଠକରେ ଚକ୍ଷୁ ବିଶେଷଜ୍ଞ ଡାକ୍ତର ଆଶିଷ ଭୋଇ ଏକ ପାୱାର ପଏଂଟ ପ୍ରେଜେକସନ୍ ମାଧ୍ୟମରେ କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ କାର୍ଯ୍ୟକାରିତା ସମ୍ପର୍କରେ ଉପସ୍ଥାପନ କରିଥିଲେ । ସେ ଦର୍ଶାଇଥିଲେ ଯେ ଜିଲ୍ଲାର ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅଧୀନରେ ଥିବା ବିଶେଷ ବିଦ୍ୟାଳୟର ୧୦୦% ଛାତ୍ରଛାତ୍ରୀଙ୍କର ଦୃଷ୍ଟିଶକ୍ତି ପରୀକ୍ଷା କରାଯିବ । ପ୍ରାରମ୍ଭିକ ପର୍ଯ୍ୟାୟରେ ତାଲିମପ୍ରାପ୍ତ ଶିକ୍ଷକମାନଙ୍କ ଦ୍ୱାରା ସ୍କ୍ରିନିଂ କରାଯିବା ପରେ ଦୃଷ୍ଟିଶକ୍ତି ସମସ୍ୟା ଥିବା ପିଲାମାନଙ୍କୁ ଚକ୍ଷୁ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ପରୀକ୍ଷା କରାଯାଇ ମାଗଣାରେ ଚଷମା ଯୋଗାଇ ଦିଆଯିବ । ତଥ୍ୟ ଅନୁଯାୟୀ, ଜିଲ୍ଲାର ୫ଟି ବ୍ଲକ୍ (ଲଖନପୁର, ଝାରସୁଗୁଡ଼ା, ଲଇକେରା, କୋଲାବିରା, କିର୍ମିରା) ର ମୋଟ ୬୩୦ଟି ସ୍କୁଲର ୫୦,୨୪୮ ଜଣ ଛାତ୍ରଛାତ୍ରୀଙ୍କର ସ୍କ୍ରିନିଂ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି । ସେଥିମଧ୍ୟରୁ ଛାତ୍ରଛାତ୍ରୀଙ୍କୁ ବ୍ଲକ ସ୍ତରୀୟ ୧୬ଟି ସ୍ୱତନ୍ତ୍ର କ୍ୟାମ୍ପ ମାଧ୍ୟମରେ ଚକ୍ଷୁ ପରୀକ୍ଷା କରାଯିବ । ଏତଦ୍ବ୍ୟତୀତ ଏସ ଏସ ଇ ପି ଡି ବିଭାଗ ଅଧୀନରେ ଥିବା ୩ଟି ବିଶେଷ ବିଦ୍ୟାଳୟର ୨୩୪ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ୪ଟି ସ୍ୱତନ୍ତ୍ର ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯିବ । ଏହି ସାର୍ବଜନୀନ ଯୋଜନାକୁ ସଫଳ କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ବିସ୍ତୃତ ମାଇକ୍ରୋ-ପ୍ଲାନ୍ ପ୍ରସ୍ତୁତି, ବ୍ଲକ ଶିକ୍ଷା ଅଧିକାରୀ ମାନଙ୍କୁ ନିର୍ଦ୍ଦେଶନାମା, ସୁପରଭିଜନ ଏବଂ ରାଜ୍ୟରୁ ଚଷମା ଆସିବାର ଗୋଟିଏ ସପ୍ତାହ ମଧ୍ୟରେ ଛାତ୍ରଛାତ୍ରୀଙ୍କୁ ବଂଟନ କରିବାକୁ ଦାୟିତ୍ୱ ଦିଆଯାଇଛି । ଏହି ସମୀକ୍ଷା ବୈଠକରେ ସିଡିଏମଓ ଏବଂ ପିଏଚଓ ଡ. ଶକ୍ତି ପ୍ରସାଦ ପାଢ଼ୀ, ଡିପିଏଚଓ ତଥା ଡିପିଏମ ଡ. ସୁନୀଲ କୁମାର ପଣ୍ଡା, ଜିଲ୍ଲା ଶିକ୍ଷା ବିଭାଗର ଅଧିକାରୀବୃନ୍ଦ, ଭେକ୍ଟର ବୋର୍ଣ୍ଣ ଡିଜିଜ୍ ଆଣ୍ଡ ଲେପ୍ରୋସି ଅଧିକାରୀ ଡ. ରାଧାରମଣ ବିର୍ତିଆ, ବ୍ଲକ ଶିକ୍ଷା ଅଧିକାରୀ ପ୍ରକାଶ ସାହୁ ଏବଂ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣାକେଶୀ ବଳିଆରସିଂହଙ୍କ ସମେତ ଅନ୍ୟାନ୍ୟ ପ୍ରଶାସନିକ, ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ରେଙ୍ଗାଲିରେ ନୂଆଁଖାଇ ଭେଟ ପାଳନ ପାଇଁ ପ୍ରସ୍ତୁତି ବୈଠକ



ସମ୍ବଲପୁର,୮/୮(ନି/ପ୍ର): ରେଙ୍ଗାଲି ଦୁର୍ଗା ମଣ୍ଡପ ଠାରେ ନାଗରିକ କମିଟି ପକ୍ଷରୁ ଚଳିତ ବର୍ଷ ନୂଆଖାଇ ଭେଟ ଘାଟ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ନାଗରିକ କମିଟି ସଭାପତି ଅନ୍ତର୍ଯ୍ୟାମୀ ପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ମା ସମଲେଇଙ୍କ ଫଟୋ ଚିତ୍ରରେ ଦୀପ ପ୍ରଜ୍ୱଳନ କରାଯାଇଥିଲା । ମନୋଜ ନାୟକ ସମଲେଇ ଭଜନ ପରିବେଷଣ କରିଥିଲେ ଓ ବୈଠକରେ ଏକ କମିଟି ଗଠନ କରଗଲା । ମୁଖ୍ୟ ସଂଯୋଜକ ଭାବେ ସମୀର ମାହାନା, ସହ ସଂଯୋକ ଲଳିତ ସାହୁ, ଏବଂ ଉପଦେଷ୍ଟା ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗରଡିଆ, ଶଶୀ ଭୁଷଣ ସାହୁ, କାର୍ଯ୍ୟକାରୀ ସଭ୍ୟ କୃଷ୍ଣ ଚନ୍ଦ୍ର ମେହେର, ଗଗନ ସାହୁ, ଦିନେଶ ମହାନା, ବିରଚିଂ ବିଶ୍ୱାଳ, ସନ୍ତୋଷ ସିଂ, ଗୋବର୍ଧନ ସାହୁ, କିଶୋର ଷଣ୍ଢ, ,ସୁରେନ୍ଦ୍ର ସାହୁ, ଅମିନ ସାହୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ଓ ଶେଷରେ ମନୋଜ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାସ୍ତରୀୟ ଯୌତୁକ ନିଷେଧ ଆଇନ, ୧୯୬୧ ସମ୍ପର୍କିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ଝାରସୁଗୁଡା,୮/୮(ନି/ପ୍ର): ଯୌତୁକ ନିଷେଧ ଆଇନ, ୧୯୬୧ର କାର୍ଯ୍ୟକାରୀତାକୁ ସୁଦୃଢ଼ କରିବା ସହ ଏହା ସମ୍ପର୍କରେ ସଚେତନତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଆଜି ଝାରସୁଗୁଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଡିଏମଏଫ୍ ସମ୍ମିଳନୀ କକ୍ଷ ଠାରେ ଏକ ଦିନିକିଆ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଏବଂ ଉପଜିଲ୍ଲାପାଳ ତଥା ଜିଲ୍ଲା ଯୌତୁକ ନିଷେଧ ଅଧିକାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ ଅତିରିକ୍ତ ଉପଜିଲ୍ଲାପାଳ ତଥା ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ଅତିରିକ୍ତ ଦାୟିତ୍ୱରେ ଥିବା ଶ୍ରୀମତୀ ଭିକ୍ଟୋରିଆ ଏକ୍କା ସ୍ୱାଗତ ଭାଷଣ ପ୍ରଦାନ କରି କରିଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଡିଏସ୍ପି ମାନ୍ଦା ହାନ୍ସଦାହ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ପ୍ୟାନେଲ୍ ଆଇନଜୀବୀ ବି. ନାଗେଶ୍ୱରୀ ଏବଂ ସେହାଡାର ନିର୍ଦ୍ଦେଶିକା ଆନନ୍ଦିନୀ ପାଢ଼ୀ ଉତ୍ସ ସମ୍ବଳ ବ୍ୟକ୍ତି ଭାବେ ଯୋଗଦେଇ ବିଭିନ୍ନ ବିଷୟ ଉପରେ ଆଲୋକପାତ କରିଥିଲେ । ପ୍ରଶିକ୍ଷଣରେ ଶିଶୁ କଲ୍ୟାଣ କମିଟିର ଅଧ୍ୟକ୍ଷା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସମସ୍ତ ସିଡିପିଓ, ଆଇସିଡିଏସ୍ ସୁପରଭାଇଜର, ବିଭିନ୍ନ ଥାନାର ମହିଳା ଓ ଶିଶୁ ସହାୟତା ଡେସ୍କର ପୋଲିସ କର୍ମଚାରୀ, ପାରାଲିଗାଲ୍ ସ୍ୱେଚ୍ଛାସେବୀ, ଉପଜିଲ୍ଲାପାଳ କାର୍ଯ୍ୟାଳୟ କର୍ମଚାରୀ, ଶକ୍ତି ସଦନ କର୍ମଚାରୀ, ବିଭିନ୍ନ ଧର୍ମଗୁରୁ ଓ କିଶୋରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ପ୍ରଶିକ୍ଷଣରେ ଯୌତୁକ ନିଷେଧ ଆଇନ, ୧୯୬୧ର ଆଇନଗତ ବ୍ୟବସ୍ଥା, ବିଭିନ୍ନ ବିଭାଗର ଭୂମିକା ଓ ଦାୟିତ୍ୱ, ପୀଡ଼ିତାଙ୍କ ପାଇଁ ସହାୟତା ବ୍ୟବସ୍ଥା, ଆନ୍ତଃବିଭାଗୀୟ ସମନ୍ୱୟ ଏବଂ ଯୌତୁକ ପ୍ରଥା ରୋକିବା ପାଇଁ ପ୍ରତିଷେଧକ ପଦକ୍ଷେପ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । କେସ୍ ଷ୍ଟଡି, ଗୋଷ୍ଠୀ ଆଲୋଚନା ଓ ପ୍ରଶ୍ନୋତ୍ତର ମାଧ୍ୟମରେ ଅଂଶଗ୍ରହଣକାରୀମାନଙ୍କୁ ବ୍ୟବହାରିକ ଜ୍ଞାନ ପ୍ରଦାନ କରାଯାଇଥିଲା । ଅଂଶଗ୍ରହଣକାରୀମାନଙ୍କୁ ଗ୍ରାମ ଓ ସମୁଦାୟ ସ୍ତରରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ, ଯୌତୁକ ସମ୍ବନ୍ଧୀୟ ଅପରାଧର ତୁରନ୍ତ ସୂଚନା ପ୍ରଦାନ, ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ବୃଦ୍ଧି ଏବଂ ପୀଡ଼ିତାଙ୍କୁ ଆଇନଗତ ଓ ସାମାଜିକ ସହାୟତା ଯୋଗାଇବା ପାଇଁ ଉତ୍ସାହିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଜିଲ୍ଲା ମହିଳା ସଶକ୍ତିକରଣ କେନ୍ଦ୍ର, ଝାରସୁଗୁଡାର ଜିଲ୍ଲା ସଂଯୋଜକ ଲିଲେଶ୍ୱର ସାହୁଙ୍କ ତତ୍ତ୍ୱାବଧାନରେ ସମସ୍ତ ହବ୍ କର୍ମଚାରୀଙ୍କ ସହଯୋଗରେ ପରିଚାଳିତ ହୋଇଥିଲା । ଶେଷରେ ସୁରକ୍ଷା -କମ୍- ପ୍ରୋଗ୍ରାମ ଅଫିସର ଯାଗ୍ୟସେନୀ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶ୍ରୀ ବଳଦେବଜୀଉ ମନ୍ଦିର ସିଂହଦ୍ୱାରରେ ଲାଗିଲା ପିତଳ ଯାଉଁଳି କବାଟ

କେନ୍ଦ୍ରାପଡ଼ା,୮/୮(ନି/ପ୍ର): ତୁଳସୀ କ୍ଷେତ୍ରର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ସିଂହଦ୍ୱାରରେ ଏକ ନବନିର୍ମିତ ପିତଳ ଛାଉଣୀ ଯାଉଁଳି କବାଟ ଲଗାଯାଇଛି । ୪ କୁଇଣ୍ଟାଲ ୫୦ କିଲୋ ଗ୍ରାମର ପିତଳରେ ପ୍ରସ୍ତୁତ ଏହି କବାଟକୁ ପିଆଶାଳ କାଠ ଉପରେ ସ୍ଥାପନ କରାଯାଇଛି ।ଖୋର୍ଦ୍ଧା ଜିଲ୍ଲା ବାଲକାଟି ଅଂଚଳର ହିରାପୁର ଗାଁର କାରିଗର ସମୀର ଦାସଙ୍କ ନେତୃତ୍ୱରେ ୧୫ ଜଣ କାରିଗର ଏହାକୁ ପ୍ରସ୍ତୁତ କରିବା ପାଇଁ ୨ ମାସ ସମୟ ନେଇଥିଲେ ।

# ଜାତୀୟ ବ୍ରାହ୍ମଣ ସମାଜରେ ଅନ୍ତର୍ଯ୍ୟାମୀ ପାଣି ଉପାଧ୍ୟକ୍ଷ ମନୋନୀତ



ସମ୍ବଲପୁର,୮/୮(ନି/ପ୍ର): ନିଖିଳ ଭାରତ ବ୍ରାହ୍ମଣ ସମାଜ ପରିଷଦର ଝାରଖଣ୍ଡ ରାଜ୍ୟ ରାଚିଂ ଠାରେ ଅନୁଷ୍ଠିତ ବାର୍ଷିକ ଅଧିବେଶନରେ (ଓଡିଶା) ବ୍ରାହ୍ମଣ ସମାଜ ର ଅନ୍ତର୍ଯ୍ୟାମୀ ପାଣି (ସମ୍ବଲପୁର) ଉପାଧ୍ୟକ୍ଷ ଭାବରେ ମନୋନୀତ ହୋଇଛନ୍ତି ଓ ସେ ଏହା ପୂର୍ବରୁ ସମ୍ବଲପୁର ପଟଂ ସାଶନୀ ବ୍ରାହ୍ମଣ ସମାଜର ସାଧାରଣ ସମ୍ପାଦକ ଭାବରେ ଦାୟିତ୍ୱରେ ମଧ୍ୟ ଥିଲେ ଓ ବ୍ରାହ୍ମଣ ସମାଜ ସଂଗଠନକୁ ସୁଦୃଢ ପାଇଁ ସକ୍ରିୟ ଭୂମିକା ଯୋଗୁଁ ନିର୍ବାହ କରିବାରେ ଶ୍ରୀ ପାଣି ସୁପରିଚିତ ଅଟନ୍ତି । ଏହା ଓଡିଶାର ପ୍ରଥମ ଉପାଧ୍ୟକ୍ଷ ମନୋନୀତ ହୋଇ ଥିବାରୁ ସାଧାରଣ ରେ ଖୁସି, ଆନନ୍ଦ ପ୍ରକାଶ ପାଉଛି । ବ୍ରାହ୍ମଣ ସମାଜ ବିଭିନ୍ନ ସମସ୍ୟା ଗୁଡିକ, ସଂଗଠନ, ସଂରକ୍ଷଣ ପାଇଁ ସମସ୍ୟା ଉପସ୍ଥାପିତ କରିବାପାଇଁ ଏକ ସୁଯୋଗ ବୋଲି ଅଭିହିତ କରି ଓଡିଶା ବ୍ରାହ୍ମଣ ସମାଜ ପକ୍ଷରୁ ସ୍ୱାଗତ କରାଯାଇଛି । ଶ୍ରୀ ପାଣି ବର୍ତମାନ ସମ୍ବଲପୁର ଜିଲ୍ଲା ବରିଷ୍ଠ ନାଗରିକ ସଂଘର ଜିଲ୍ଲା ସଭାପତି ପଦବୀରେ ମଧ୍ୟ ଅଛନ୍ତି ।

# ଆରମ୍ଭ ହେଲା ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ପାଇଁ ପଞ୍ଜିକରଣ

ସମ୍ବଲପୁର,୮/୮(ନି/ପ୍ର):ରାଜ୍ୟର ସମସ୍ତ ଆଶାୟୀ ବୟସ୍କ ବ୍ୟକ୍ତିମାନଙ୍କର ତୀର୍ଥକ୍ଷେତ୍ର ଦର୍ଶନ ସ୍ୱପ୍ନକୁ ପୂରଣ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ 'ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା'ର ଶୁଭାରମ୍ଭ କରାଯାଇଛି । ଇଣ୍ଡିଆନ୍ ରେଲୱେ କ୍ୟାଟରିଂ ଆଣ୍ଡ୍ ଟୁରିଜିମ୍ କର୍ପୋରେସନର ମିଳିତ ସହଯୋଗରେ ରାଜ୍ୟର ବରିଷ୍ଠ ନାଗରିକମାନଙ୍କୁ ଦେଶର ବିଭିନ୍ନ ପ୍ରମୁଖ ତୀର୍ଥସ୍ଥାନ ଦର୍ଶନ ପାଇଁ ମାଗଣାରେ ସୁଯୋଗ ପ୍ରଦାନ କରାଯାଉଛି । ଏହି ଯୋଜନା ମାଧ୍ୟମରେ ଆର୍ଥିକ ଦୁର୍ବଳ ଶ୍ରେଣୀର ବରିଷ୍ଠ ନାଗରିକମାନେ ସମ୍ପୂର୍ଣ୍ଣ ସରକାରୀ ଖର୍ଚ୍ଚରେ ନିଜର ଆଧ୍ୟାତ୍ମିକ ଯାତ୍ରା କରିପାରିବେ । ଆବେଦନକାରୀ ନିଶ୍ଚିତ ଭାବେ ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ ଏବଂ ତାଙ୍କ ବୟସ ୬୦ ରୁ ୭୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ । ୭୦ ବର୍ଷରୁ ଉର୍ଦ୍ଧ୍ୱ ୭୫ ବର୍ଷର ବୟସ୍କ ନାଗରିକମାନେ ନିଜ ସାଥିରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ବୟସର ଜଣଙ୍କୁ ସହାୟକ ଭାବରେ ନେଇପାରିବେ ଏବଂ ସହାୟକ ବାବଦରେ ସମ୍ପୃକ୍ତ ବରିଷ୍ଠ ନାଗରିକଙ୍କ ସହାୟକଙ୍କ ଗସ୍ତ ଖର୍ଚ୍ଚର ୫୦ ଭାଗ ଅର୍ଥ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ 'ପର୍ଯ୍ୟଟନ ନିର୍ଦ୍ଦେଶକ, ଭୁବନେଶ୍ୱରଙ୍କ ନାମରେ ଦରଖାସ୍ତ ସହ ଦାଖଲ କରିବାକୁ ହେବ ।ଆବେଦନକାରୀ ଆୟକରଦାତା ହୋଇନଥିବେ କିମ୍ବା କୌଣସି ସରକାରୀ ଚାକିରିରୁ ଅବସରପ୍ରାପ୍ତ ହୋଇନଥିବେ ।ତୀର୍ଥଯାତ୍ରୀ ଜଣକ ଶାରୀରିକ ତଥା ମାନସିକ ସ୍ତରରେ ସୁସ୍ଥ ହୋଇଥିବେ । ସେ କୌଣସି ସଂକ୍ରମକ ରୋଗ ଯଥା ଯକ୍ଷ୍ମା, କୁଷ୍ଠ, ଶ୍ୱାସଜନିତ ରୋଗ ଓ ହୃଦରୋଗ ଦ୍ୱାରା ଆକ୍ରାନ୍ତ ହୋଇନଥିବେ । ସରକାରଙ୍କ ପକ୍ଷରୁ ମିଳୁଥିବା ସୁବିଧା ସୁଯୋଗକୁ ଅନୁଧ୍ୟାନ କଲେ ନିର୍ଦ୍ଦିଷ୍ଟ ଟ୍ରେନର ସ୍ଲିପର କ୍ଲାସରେ ଯାତ୍ରା ସୁବିଧା । ତୀର୍ଥସ୍ଥାନରେ ରହିବା, ଖାଇବା ଏବଂ ଯାତାୟାତ ପାଇଁ ବସ୍ ବ୍ୟବସ୍ଥା । ଯାତ୍ରା ସମୟରେ ତୀର୍ଥଯାତ୍ରୀ ମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବାକୁ ମେଡିକାଲ୍ ଟିମ୍ ଏବଂ ଗାଇଡ୍ ର ବ୍ୟବସ୍ଥା କରାଯାଇଛି । ଯୋଗ୍ୟ ବରିଷ୍ଠ ନାଗରିକମାନେ ନିଜ ଜିଲ୍ଲାର ଜିଲ୍ଲାପାଳ, ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ, ବ୍ଲକ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ତଥା ପର୍ଯ୍ୟଟନ ବିଭାଗର ୱେବସାଇଟ୍‌ରୁ ଆବେଦନ ଫର୍ମ ଡାଉନଲୋଡ୍ କରିପାରିବେ କିମ୍ବା ନିକଟସ୍ଥ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟରୁ ସଂଗ୍ରହ କରିପାରିବେ । ପୂରଣ ହୋଇଥିବା ଫର୍ମ ସହିତ ଆବଶ୍ୟକୀୟ କାଗଜପତ୍ର ମଧ୍ୟରେ ଆଧାର କାର୍ଡ, ଭୋଟର ପରିଚୟ ପତ୍ର, ବାସିନ୍ଦା ପ୍ରମାଣପତ୍ର, ଆୟ ପ୍ରମାଣପତ୍ର ଓ ପାସପୋର୍ଟ ସାଇଜ୍ ଫଟୋ ସଂଲଗ୍ନ କରି ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ କାର୍ଯ୍ୟାଳୟ/ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ତା ୧୪.୦୮.୨୦୨୬ ରିଖ ସୁଦ୍ଧା ବ୍ୟକ୍ତିଗତ ଭାବେ କିମ୍ବା ଡ଼ାକଯୋଗେ ଦାଖଲ କରିବାକୁ ଅନୁରୋଧ କରାଯାଇଛି । ଚଳିତ ବର୍ଷ ଆବେଦନ ୧୫.୦୭.୨୦୨୬ ଠାରୁ ଆରମ୍ଭ ହୋଇଛି ଯାହା ତା୧୪.୦୮.୨୦୨୬ ପର୍ଯ୍ୟନ୍ତ ଚାଲିବ । ଏହା ବ୍ୟତୀତ ଇଚ୍ଛୁକ ବ୍ୟକ୍ତିମାନେ ପୋର୍ଟାଲ ମାଧ୍ୟମରେ ସିଧାସଳଖ ଅନଲାଇନ୍ ଆବେଦନ ମଧ୍ୟ କରିପାରିବେ । ସମସ୍ତ ଯୋଗ୍ୟ ବରିଷ୍ଠ ନାଗରିକମାନେ ଏହି ଯୋଜନାର ଲାଭ ଉଠାଇବା ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆହ୍ୱାନ କରାଯାଇଛି । ବିସ୍ତୃତ ବିବରଣୀ ପାଇଁ ନିକଟସ୍ଥ ପର୍ଯ୍ୟଟନ କାର୍ଯ୍ୟାଳୟ କିମ୍ବା ବିଭାଗୀୟ ୱେବସାଇଟ୍ ପରିଦର୍ଶନ କରନ୍ତୁ । ଅଧିକ ବିବରଣୀ ପାଇଁ ଟେଲିଫୋନ ନଂ ୯୬୬୮୬୬୨୯୭୮/୬୩୭୧୨୯୮୩୧୭ ରେ ସମ୍ପର୍କ କରନ୍ତୁ । ସୂଚନା ଅନୁଯାୟୀ ସମ୍ବଲପୁରରୁ ବାରଣାସୀ-ଅଯୋଧ୍ୟା ଅଭିମୁଖେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଆଗାମୀ ସେପ୍ଟେମ୍ବର ୨୨ ତାରିଖରେ ଏବଂ ହରିଦ୍ୱାର- ଋଷିକେଶ ଅଭିମୁଖେ ଆଗାମୀ ନଭେମ୍ବର ୨୭ ତାରିଖ ଦିନ ଟ୍ରେନ୍ର ଶୁଭାରମ୍ଭ ହେବ ।

# ପୁରୁଣା ବସଷ୍ଟାଣ୍ଡ ଅଂଚଳରୁ ବୁଲା ଗୋରୁ ଗୋଶାଳାକୁ ସ୍ଥାନାନ୍ତର

## ନିୟମ ଉଲ୍ଲଂଘନ କଲେ ଦେବାକୁ ପଡ଼ିବ ୧୦,୦୦୦ ଟଙ୍କା ଜରିମାନା

ଝାରସୁଗୁଡ଼ା,୮/୮(ନି/ପ୍ର): ସହରର ରାସ୍ତାଘାଟରେ ବୁଲା ଗୋରୁଙ୍କ ସଂଖ୍ୟା ବୃଦ୍ଧି ପାଇବା ଯୋଗୁଁ ନିୟମିତ ଟ୍ରାଫିକ ସମସ୍ୟା, ରାସ୍ତା ଅବରୋଧ ଏବଂ ସଡ଼କ ଦୁର୍ଘଟଣା ଭଳି ବିପଦଜ୍ଜନକ ପରିସ୍ଥିତି ସୃଷ୍ଟି ହେଉଥିବା କାରଣରୁ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି । ଏହି କ୍ରମରେ ପୁରୁଣା ବସଷ୍ଟାଣ୍ଡ ଅଂଚଳରେ ଘୂରି ବୁଲୁଥିବା ଗୋରୁଗାଈଙ୍କୁ ଶ୍ରୀ କୃଷ୍ଣ ଗୋଶାଳା ଏବଂ ଏହାର ସଂଲଗ୍ନ ପଡ଼ିଆକୁ ସ୍ଥାନାନ୍ତରିତ କରାଯାଉଛି । ଝାରସୁଗୁଡ଼ା ପୌରପାଳିକା ନିର୍ବାହୀ ଅଧିକାରୀ ନିଶିକାନ୍ତ ଟେଟେଙ୍କ ସୂଚନା ଅନୁଯାୟୀ, ଗତକାଲି ରାତିରୁ ଏହି ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହୋଇସାରିଛି । ପ୍ରଥମ ପର୍ଯ୍ୟାୟରେ ଗତକାଲି ପ୍ରାୟ ୫୦ଟି ଗୋରୁଙ୍କୁ ଗୋଶାଳାକୁ ସ୍ଥାନାନ୍ତର କରାଯାଇଛି । ଏହା ପୂର୍ବରୁ ପୌରପାଳିକା ତରଫରୁ ସହରସାରା ମାଇକ୍ ଦ୍ୱାରା ସଚେତନତା ନିମନ୍ତେ ଘୋଷଣା ମଧ୍ୟ କରାଯାଇଥିଲା । ପ୍ରଶାସନ ପକ୍ଷରୁ କଡ଼ା ନିୟମ ଲାଗୁ କରାଯାଇଛି ଯେ, ଯଦି କୌଣସି ଗୋ-ପାଳକ ବା ମାଲିକ ନିଜ ଗୋରୁଙ୍କୁ ନେବା ପାଇଁ ଦାବି କରନ୍ତି, ତେବେ ତାଙ୍କୁ ଗୋରୁ ପିଛା ୪,୦୦୦ ଟଙ୍କା ଜରିମାନା ଗଣିବାକୁ ପଡ଼ିବ । ଏଥିସହିତ ଭବିଷ୍ୟତରେ ଗୋରୁଙ୍କୁ ରାସ୍ତାରେ ଖୋଲା ଛାଡ଼ିବେ ନାହିଁ ବୋଲି ଏକ ସାକ୍ଷରିତ ପ୍ରତିଶ୍ରୁତି ପତ୍ର ମଧ୍ୟ ଦେବାକୁ ହେବ । ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଝାରସୁଗୁଡ଼ା ପୌରପାଳିକା, ପ୍ରାଣୀସମ୍ପଦ ବିଭାଗ, ଶ୍ରୀ କୃଷ୍ଣ ଗୋଶାଳା ଏବଂ ବଜରଙ୍ଗ ଦଳର କର୍ମକର୍ତ୍ତାଙ୍କୁ ନେଇ ଏକ ମନିଟରିଂ କମିଟି ଗଠନ କରାଯାଇଛି । ସୂଚନା ଅନୁଯାୟୀ, ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ଝାରସୁଗୁଡ଼ା ପୌରପାଳିକା ପକ୍ଷରୁ ଗୋରୁଙ୍କ ସୁରକ୍ଷିତ ଆଶ୍ରୟ, ଆହାର, ଚିକିତ୍ସା ଓ ପୁନର୍ବାସ ପାଇଁ ୮ ଜଣିଆ ସଦସ୍ୟବିଶିଷ୍ଟ ଏକ କମିଟି ଗଠନ କରାଯାଇଛି । ଏହି କମିଟିରେ ସହକାରୀ ନିର୍ଦ୍ଦେଶକ ଡ ସୁଧାଂଶୁ ଶେଖର ଦାସ, ଉପ-ଖଣ୍ଡୀୟ ପ୍ରାଣୀସମ୍ପଦ ଅଧିକାରୀ ଡ ଭଗବତୀ ପ୍ରସାଦ ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବାଷ ପ୍ରଧାନ, କନିଷ୍ଠ ପରିମଳ ବିଶେଷଜ୍ଞ ଆଲୋକ ରଞ୍ଜନ ଜଗତ, କୃଷ୍ଣ ଗୋଶାଳାର ସଦସ୍ୟ ଅନିଲ ଅଗ୍ରୱାଲ ଭୁୱାନିଆ ଓ ଗୋପାଳ କେଡ଼ିଆ ଏବଂ ବଜରଙ୍ଗ ଦଳର ସଦସ୍ୟ ରବି ଗିଡ଼ୱାନୀ ଓ ୱିନୟ ରଜାକଙ୍କୁ ସାମିଲ କରାଯାଇଛି । ଏହି କମିଟି ସହରରେ ବୁଲା ଗୋରୁଙ୍କ ଗତିବିଧି ଉପରେ ନଜର ରଖିବା ସହ ସେମାନଙ୍କ ସୁରକ୍ଷିତ ସ୍ଥାନାନ୍ତର, ଉଚିତ ଆହାର, ଚିକିତ୍ସା ଓ ଟ୍ୟାଗିଂ କାର୍ଯ୍ୟର ତଦାରଖ କରିବେ ଏବଂ ନିୟମିତ ଭାବେ ଏହାର ରିପୋର୍ଟ ଜିଲ୍ଲାପାଳଙ୍କ ନିକଟରେ ଦାଖଲ କରିବେ ।

# ଷଷ୍ଠ ଜିଲ୍ଲାସ୍ତରୀୟ ବ୍ୟାଡମିଂଟନ୍ ଚାମ୍ପିୟନସିପ୍-୨୦୨୬ ଉଦ୍‌ଘାଟିତ

ଝାରସୁଗୁଡ଼ା,୮/୮(ନି/ପ୍ର): ଝାରସୁଗୁଡ଼ା ବ୍ୟାଡମିଂଟନ୍ ଆସୋସିଏସନ୍ ଆନୁକୂଲ୍ୟରେ ସ୍ଥାନୀୟ ମଙ୍ଗଳ ବଜାରସ୍ଥିତ ସ୍ପୋର୍ଟସ କମ୍ପ୍ଲେକ୍ସଠାରେ '୬ଷ୍ଠ ଝାରସୁଗୁଡ଼ା ଜିଲ୍ଲା ବ୍ୟାଡମିଂଟନ୍ ଚାମ୍ପିୟନସିପ୍-୨୦୨୬' ଆଜିଠାରୁ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଯାଇଛି । ଏହି ଆଂଚଳିକ କ୍ରୀଡ଼ା ମହୋତ୍ସବର ଉଦଘାଟନୀ ସମାରୋହରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ । ଆସନ୍ତା ଅଗଷ୍ଟ ୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ୪ ଦିନିଆ ଚାମ୍ପିୟନସିପ୍ରେ ୯ ବର୍ଷରୁ କମ୍ (ଅ-୯) ବୟସ୍କ ଶିଶୁଙ୍କଠାରୁ ଆରମ୍ଭ କରି ୬୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କ ପର୍ଯ୍ୟନ୍ତ ବିଭିନ୍ନ ବୟସ ବର୍ଗର ପ୍ରତିଯୋଗୀମାନେ ଭାଗ ନେଇଛନ୍ତି । ଚଳିତ ବର୍ଷ ମୋଟ ୨୨ଟି ଭିନ୍ନ ଭିନ୍ନ ଇଭେଂଟରେ ୩୫୦ରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଛନ୍ତି ।ଆଗାମୀ ଅଗଷ୍ଟ ୯ ତାରିଖରେ ଏହି ଚାମ୍ପିୟନସିପ୍ର ଉଦ୍‌ଯାପନୀ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

# ମାଲକାନଗିରି ଜିଲ୍ଲା ଗସ୍ତରେ ଆଇପିଆର ଦକ୍ଷିଣାଂଚଳ ଉପନିର୍ଦ୍ଦେଶକ ବସନ୍ତ ପ୍ରଧାନ

ମାଲକାନଗିରି, ୮/୮(ନି/ପ୍ର): ସୂଚନା ଓ ଲୋକସମ୍ପର୍କ ବିଭାଗର ଦକ୍ଷିଣାଂଚଳ ଉପନିର୍ଦ୍ଦେଶକ (ଡିଡି) ବସନ୍ତ ପ୍ରଧାନ ମାଲକାନଗିରି ଜିଲ୍ଲା ଗସ୍ତ କରି ବିଭାଗୀୟ କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି । କାର୍ଯ୍ୟାଳୟରେ ପହଂଚିବା ପରେ ମାଲକାନଗିରି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ତାଙ୍କୁ ବିଧିବଦ୍ଧ ଭାବେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଏହି ଅବସରରେ ନୟାଗଡ଼ର ପୂର୍ବତନ ଡିଆଇପିଆରଓ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ମଧ୍ୟ ଉପସ୍ଥିତ ଥିଲେ । ଗସ୍ତ ସମୟରେ ଉପନିର୍ଦ୍ଦେଶକ ଶ୍ରୀ ପ୍ରଧାନ ଜିଲ୍ଲାରେ ସରକାରୀ ଯୋଜନା ଓ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମର ବ୍ୟାପକ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦେଇଥିଲେ । ସେ କହିଛନ୍ତି, ଲୋକମାନଙ୍କ ପାଖରେ ସରକାରଙ୍କ ଯୋଜନାର ସଠିକ୍ ସୂଚନା ପହଂଚାଇବା ଏବଂ ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ସେତୁଭାବେ କାର୍ଯ୍ୟ କରିବା ଆମ ବିଭାଗର ମୁଖ୍ୟ ଦାୟିତ୍ୱ । ମାଲକାନଗିରି ଭଳି ଦୂରବର୍ତ୍ତୀ ଅଂଚଳରେ ଲୋକଙ୍କ ନିକଟତର ହୋଇ ସେମାନଙ୍କୁ ସଚେତନ କରିବା ପାଇଁ ଆମକୁ ଆହୁରି ନିଷ୍ଠାର ସହ କାର୍ଯ୍ୟ କରିବାକୁ ହେବ । କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟକଳାପ ଅନୁଧ୍ୟାନ କରିବା ପରେ ଉପନିର୍ଦ୍ଦେଶକ ସ୍ଥାନୀୟ କର୍ମଚାରୀଙ୍କ ଉଦ୍ଦେଶ୍ୟରେ କେତେକ ଜରୁରୀକାଳୀନ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି । ଜନସାଧାରଣ ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସଠିକ୍ ଏବଂ ସମୟୋଚିତ ତଥ୍ୟ ଯୋଗାଇ ସୂଚନା ପ୍ରଦାନରେ ସ୍ୱଚ୍ଛତା ବଜାୟ ରଖିବାକୁ ସେ ପରାମର୍ଶ ଦେଇଛନ୍ତି ।

# ମିଛ ନିଯୁକ୍ତି ବିଜ୍ଞାପନ ଦେଇ ଯୁବଗୋଷ୍ଠୀଙ୍କୁ ଟାର୍ଗେଟ୍; ଅଭିଯୁକ୍ତ ଗିରଫ



ମାଲକାନଗିରି,୮/୮(ନି/ପ୍ର): ମାଲକାନଗିରିରେ ବେକାରି ଯୁବକମାନଙ୍କୁ ଟାର୍ଗେଟ କରିବା ପାଇଁ ଫେକ୍ ନିଯୁକ୍ତି ବିଜ୍ଞାପନ ସହରରେ ବୁଲୁଥିଲା । ଏପରିକି ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସିକ୍ୟୁରିଟି ଗାର୍ଡ, ସୁପରଭାଇଜର, ଏଚକେ ସୁପରଭାଇଜର, ସିକ୍ୟୁରିଟି ଅଫିସର, ବେବି କେୟାର ଏବଂ ହସପିଟାଲ ଆଟାଣ୍ଡାଂଟ ଚାକିରି ପାଇଁ ଆବେଦନ କରିପାରିବେ ବୋଲି ବିଜ୍ଞାପନରେ ଉଲ୍ଲେଖ ରହିଥିଲା । ଏଥିସହ ମୋବାଇଲ୍ ନମ୍ବର (୯୬୯୨୨୩୨୬୦୪)ରେ ଯୋଗାଯୋଗ କରିବା ପାଇଁ ମଧ୍ୟ କୁହାଯାଇଥିଲା । ପୁଣି ଏହି ଚାକିରି ପାଇଁ ଅଧିକା ଦରମା ମଧ୍ୟ ପ୍ରଦାନ କରାଯାଉଥିବା ଉଲ୍ଲେଖ କରାଯାଇଥିଲା । ଏହି ଫେକ ବିଜ୍ଞାପନ ସହରରେ ଘୁରି ବୁଲିବା ପରେ କିଛି ସାମାଜିକ କର୍ମୀ ଏନେଇ ଏସପିଙ୍କ ନିକଟରେ ଫେରାଦ ହୋଇ ଏହାର ତଦନ୍ତ କରିବାକୁ ଅନୁରୋଧ କରିଥିଲେ । ସରକାରଙ୍କ ତରଫରୁ ଏଭଳି କୌଣସି ବିଜ୍ଞାପନ ବାହାରିନଥିବା ବେଳେ ସରକାରୀ ଅନୁଷ୍ଠାନରେ କିପରି ଜଣେ ବ୍ୟକ୍ତିଗତ ଲୋକ ଏଭଳି ନିଯୁକ୍ତି ଦେବ ତାକୁ ନେଇ ସଂଦେହ ଉପୁଜିଥିଲା । ମାଲକାନଗିରି ପୁଲିସ ଗତ ୪ ତାରିଖ ଦିନ ନିଜ ପଟରୁ ଏହାକୁ ଗୁରୁତ୍ୱର ସହ ନେଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରୁ ପୁଲିସ ଜାଣିପାରିଥିଲା ଯେ ଜଗତସିଂହପୁରର ବିଶ୍ୱଜିତ ଜେନା(୩୫) ନାମକ ଯୁବକ ଏଭଲି ଫେକ୍ ନିଯୁକ୍ତି ବିଜ୍ଞାପନ କରି ବେକାରୀ ଯୁବକମାନଙ୍କ ଠାରୁ ମୋଟା ଅଙ୍କର ଟଂକା ହାତେଇଥାନ୍ତା । ପୁଲିସ ଅଭିଜିତ ଠାରୁ ୩ଟି ମୋବାଇଲ ଓ ବିଜ୍ଞାପନ ପ୍ରଚାର ପତ୍ରଗୁଡିକ ଜବତ କରିଛି । ଏହି କେଶକୁ ଆଇଆଇସି ଦେବଦନ୍ନ ମଲ୍ଲିକ ଅଧିକା ତଦନ୍ତ କରୁଥିବା ଜଣାପଡିଛି ।

# କଳିଙ୍ଗ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲରେ ମେଗା ସ୍ୱାସ୍ଥ୍ୟ ସେବା

କେନ୍ଦ୍ରାପଡ଼ା,୮/୮(ନି/ପ୍ର): କେନ୍ଦ୍ରାପଡା ଜିଲ୍ଲା ଜମଧର ନିକଟରେ ଥିବା କଳିଙ୍ଗ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲରେ ମେଗା ସ୍ୱାସ୍ଥ୍ୟ ସେବା ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ପ୍ରତିବର୍ଷ ଏହି ମେଗା ସ୍ୱାସ୍ଥ୍ୟ ଶିବିର ଅଂଚଳର ହଜାର ହଜାର ରୋଗୀ ମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଆସୁଛି । ଶିବିରରେ ଅଭିଜ୍ଞତା ଥିବା ପ୍ରଫେସର ମାନେ ସେବା ଯୋଗାଇ ଦେଇଥିଲେ । ମୁଖ୍ୟତଃ ୧୦ଟି ବିଭାଗର ଡାକ୍ତରମାନେ କଟକ, ଭୁବନେଶ୍ୱରରୁ ଆସି ରୋଗି ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣାରେ ଚିକିତ୍ସା କରିବା ସହ ମାଗଣା ଔଷଧ ଯୋଗାଇ ଦେଇଥିଲେ । ହସ୍ପିଟାଲର ପ୍ରତିଷ୍ଠାତାଙ୍କୁ ଅଂଚଳ ବାସୀ କୃତଜ୍ଞତା ଜ୍ଞାପନ କରିଥିଲେ ।

